Bhubaneswar- 30 may 2026
ଭୁବନେଶ୍ୱର- ୩୦ ମେ' ୨୦୨୬
Vol- 1 Issue - 34
ଭାଗ- ୧ ସଂଖ୍ୟା- ୩୪
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA



୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୨୦୧୦୦୭


# ସେମିକଣ୍ଡକ୍ଟର ହବ ହେବ ଓଡ଼ିଶା

- ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ଲାଣ୍ଟ
- ଇଣ୍ଟେଲ୍ ଓ ଥ୍ରୀଡ଼ିଜିଏସ ଆଇଏନସି ସହ ଏମଓୟୁ
- ୧୮୦୦ ନିଯୁକ୍ତି ହେବ ସୃଷ୍ଟି



**ଭୁବନେଶ୍ୱର :** ଓଡ଼ିଶା ଶିଳ୍ପ ଜଗତ ପାଇଁ ଏକ ଅପୂର୍ବ ସଫଳତା। ରାଜ୍ୟରେ ଏକ ଅତ୍ୟାଧୁନିକ ସେମିକଣ୍ଡକ୍ଟର ମାନୁଫ୍ୟାକ୍ଚରିଂ ଇକୋସିଷ୍ଟମ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ନିଆ ଯାଇଛି। ଭାରତରେ ସବଷ୍ଟ୍ରେଟ୍ ମାନୁଫ୍ୟାକ୍ଚରିଂ ଟେକ୍ନୋଲୋଜିର ବିକାଶ ପାଇଁ ଓଡ଼ିଶା ସରକାର ଓ ଆମେରିକାର ପ୍ରସିଦ୍ଧ 'ଇଣ୍ଟେଲ୍ କର୍ପୋରେସନ' ଏବଂ ଥ୍ରୀଡ଼ିଜିଏସ ଆଇଏନସି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ସମୟରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଣ୍ଟେଲର ସିଇଓ ଲିପ୍-ବୁ ଟାନଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାରେ ଏକ 'ଆଡଭାନ୍ସଡ୍ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟି' ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଉକ୍ତ ମେଗା ପ୍ରକଳ୍ପଟି ଭୁବନେଶ୍ୱର-ଖୋର୍ଦ୍ଧା ଅଞ୍ଚଳରେ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ଦିଆ ଯାଇଛି। ପ୍ରାୟ ୩.୩ ବିଲିୟନ ଡଲାରର ଆନୁମାନିକ ନିବେଶର ଏହି ପ୍ରକଳ୍ପ, ଦେଶର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କ୍ଷେତ୍ରରେ ଏକ ବୃହତ୍ତମ ପୁଞ୍ଜିନିବେଶ ବୋଲି କୁହାଯାଉଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ଆଗାମୀ ୫ ରୁ ୬ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ୧୮୦୦ରୁ ଅଧିକ ଉଚ୍ଚ-କୁଶଳୀ ଓ ଦକ୍ଷତାପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପରୋକ୍ଷ ଭାବେ ମାନୁଫ୍ୟାକ୍ଚରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେବ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକଶିତ କରିବା ପାଇଁ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଚୁକ୍ତି ସେହି ଦିଗରେ ଏକ ବଡ଼ ସଫଳତା। ଆପ୍ଲାଇଡ୍ ମ୍ୟାଟେରିଆଲ୍ସ, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରୋନ, ମର୍କ ଇଲେକ୍ଟ୍ରୋନିକ୍ସ ଏବଂ ଟାଟା ଇଲେକ୍ଟ୍ରୋନିକ୍ସ ଏଏସଏମଏଲ ମଧ୍ୟରେ ହୋଇଥିବା ଚୁକ୍ତି ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ପ୍ରତି ବିଶ୍ୱର ବିଶ୍ୱାସକୁ ଦର୍ଶାଉଛି।ଏହି କାରଖାନାରେ ମୁଖ୍ୟତଃ ଆଡଭାନ୍ସଡ୍ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଏବଂ ହାଇ-ଡେନସିଟି ଇଣ୍ଟରକନେକ୍ଟ ସବଷ୍ଟ୍ରେଟ୍ ଭଳି ଅତ୍ୟାଧୁନିକ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ କାର୍ଯ୍ୟ କରାଯିବ। ଏଥିପାଇଁ ବିଶ୍ୱପ୍ରସିଦ୍ଧ କମ୍ପାନୀ 'ଇଣ୍ଟେଲ୍' ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରକ୍ରିୟାଗତ ପାରଦର୍ଶିତା ପ୍ରଦାନ କରିବ। ଭାରତ ସେମିକଣ୍ଡକ୍ଟର ମିଶନର ଚେଷ୍ଟାକୁ ଏହି ପଦକ୍ଷେପ ଆହୁରି ମଜବୁତ କରିବ। ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱ ସେମିକଣ୍ଡକ୍ଟର ମାନୁଫ୍ୟାକ୍ଚରିଂ ଏବଂ ଡିଜିଟାଲ୍ ଭିତ୍ତିଭୂମିର ଏକ ପ୍ରମୁଖ ହବ୍ ଭାବେ ଉଭା ହେବାକୁ ଯାଉଛି।

## ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣା

# ୟୁପିଏସସି ଠାରୁ ଶିଖନ୍ତୁ : ସୁପ୍ରିମକୋର୍ଟ

- ଏନଟିଏ ଉପରେ ବର୍ଷିଲେ




**ନୂଆଦିଲ୍ଲୀ:** ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁପ୍ରିମକୋର୍ଟ ଶୁକ୍ରବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏକ)କୁ କଡ଼ା ସମାଲୋଚନା କରିଛନ୍ତି। ନିରୀକ୍ଷଣ ବ୍ୟବସ୍ଥା ଓ ଉଚ୍ଚସ୍ତରୀୟ କମିଟି ଥିବା ସତ୍ତ୍ୱେ ଏତେ ବଡ଼ ସୁରକ୍ଷା ତ୍ରୁଟି କେମିତି ଘଟିଲା ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ୟୁପିଏସସି ପରୀକ୍ଷା ସହ ତୁଳନା କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଦେଶର ସର୍ବୋଚ୍ଚ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଏପରି ଘଟଣା କେବେ ଘଟିନାହିଁ। ତେଣୁ ସେହି ବ୍ୟବସ୍ଥାରୁ ଶିକ୍ଷା ନେବାର ଆବଶ୍ୟକତା ଏନଟିଏକୁ ରହିଛି। ନିଟ ୟୁଜି ପ୍ରଶ୍ନପତ୍ର ଲିକ ମାମଲାରେ ସଲିସିଟର ଜେନେରାଲ ତୁଷାର ମେହତା ଆଜି ଏନଟିଏ ଓ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଉଚ୍ଚ ସ୍ତରୀୟ କମିଟି ପକ୍ଷରୁ ପକ୍ଷ ରଖିବା ବେଳେ ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି। ଏନଟିଏ ଓ ଡକ୍ଟର ରାଧାକୃଷ୍ଣ ଦାଖଲ କରିଥିବା ସତ୍ୟପାଠକୁ କୋର୍ଟ ବିଚାରକୁ ନେଇଛନ୍ତି ଓ ସତ୍ୟପାଠ ଦାଖଲ ପାଇଁ କେନ୍ଦ୍ରକୁ ଅତିରିକ୍ତ ସମୟ ଦେଇଛନ୍ତି। ଏହି ସମୟରେ ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଡ. କେ ରାଧାକୃଷ୍ଣନଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଲାଗୁ ହେବା ପରେ କେତେ ଦୂର ଏହାକୁ ପାଳନ କରାଯାଇଛି ଓ କମିଟି କେଉଁ ଦିଗକୁ ଠିକ ଭାବେ ଆକଳନ କରି ପାରିନଥିଲା, ଯେଉଁଥି ପାଇଁ ପ୍ରଶ୍ନପତ୍ର ଲିକ୍ ଘଟିଲା ବୋଲି ବୋଲି ଜଷ୍ଟିସ ପିଏସ୍ ନରସିମା ପ୍ରଶ୍ନ କରିଛନ୍ତି। ଡକ୍ଟର ରାଧାକୃଷ୍ଣ ପ୍ରଥମେ ଉଚ୍ଚ ସ୍ତରୀୟ କମିଟର ଅଧ୍ୟକ୍ଷତା କରୁଥିଲେ। ଏହାପରେ ତାଙ୍କୁ ମନିଟରିଂ କମିଟିରେ ନିଯୁକ୍ତି ମିଳିଥିଲା। ବାସ୍ତବରେ ସେ କେତେ ପରିମାଣର ନୀରିକ୍ଷଣ କରିଥିଲେ ବୋଲି ଜଷ୍ଟିସ ନରସିମା ପଚାରିଛନ୍ତି। ଡ. ରାଧାକୃଷ୍ଣନ କହିଥିଲେ ଯେ ପରୀକ୍ଷାର ସୁରକ୍ଷା ଓ ପ୍ରଶାସନକୁ ମଜବୁତ କରିବା ପାଇଁ କମିଟି ମୋଟ ୧୦୧ଟି ସୁପାରିସ କରିଥିଲା। ସେଥିରୁ ୬୦ଟି ସ୍ୱଳ୍ପକାଳୀନ ସୁପାରିସ ୨୦୨୫-୨୬ ପରୀକ୍ଷା ଚକ୍ର ପାଇଁ ଥିଲା। ଅଧିକାଂଶ ସୁପାରିସ ଲାଗୁ ହୋଇସାରିଛି ଓ ଅନ୍ୟଗୁଡ଼ିକ କାର୍ଯ୍ୟକାରୀ ହେଉଛି। ପ୍ରଶ୍ନପତ୍ର ଲିକ୍ କିପରି ଘଟିଲା ବୋଲି ପଚାରିବାରୁ ଡ. ରାଧାକୃଷ୍ଣନ କହିଥିଲେ ଯେ ସମସ୍ୟା ପ୍ରଶ୍ନପତ୍ର ପ୍ରସ୍ତୁତି ପ୍ରକ୍ରିୟାରେ ଥିଲା। ଏବେ ସେହି ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରାଯାଉଛି। ସୁରକ୍ଷିତ ପରୀକ୍ଷା ପରିଚାଳନା ଢାଞ୍ଚା ଆରମ୍ଭ ହୋଇଛି ଓ ଏଥିରେ ଅଭୂତପୂର୍ବ ସୁଧାର ଆସିଛି ବୋଲି ସେ କୋର୍ଟଙ୍କୁ ଜଣାଇଛନ୍ତି। ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ସୁଧାର ହେଲେ ଚାଲିବ ନାହିଁ। ଦାୟିତ୍ୱ ନିର୍ଦ୍ଧାରଣ ହେବା ଆବଶ୍ୟକ। ପ୍ରକୃତ ସମସ୍ୟା ସେତେବେଳେ ପର୍ଯ୍ୟନ୍ତ ବନ୍ଦ ହେବ ନାହିଁ, ଯେପର୍ଯ୍ୟନ୍ତ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ହେବ ନାହିଁ।

## ଥାନାରେ ଥାର୍ଡ ଡିଗ୍ରୀ ଘଟଣା

# ପୁଣି ବାରଙ୍ଗ ଥାନା ଘେରିଲେ ଶତାଧିକ ଗ୍ରାମବାସୀ



**ବାରଙ୍ଗ:** ଥାର୍ଡ ଡିଗ୍ରୀ ପରେ ମେଡିକାଲରୁ ଉଠାଇନେଲେ । ଘଟଣାକୁ ନେଇ ପୁଣି ବାରଙ୍ଗ ଥାନା ଘେରିଲେ ଶତାଧିକ ଗ୍ରାମବାସୀ । ଘଟଣାସ୍ଥଳରେ କଟକ ଡିସିପି। ଚଣ୍ଡୀପ୍ରସାଦ ଗାଁର ରାକେଶ ବେହେରାଙ୍କୁ ବାରଙ୍ଗ ପୋଲିସର ଥାର୍ଡ ଡିଗ୍ରୀ ଘଟଣାକୁ ନେଇ ପୁଣି ତାତିଲେ ଗ୍ରାମବାସୀ । ବାରଙ୍ଗ ଥାନା ଘେରିବା ସହ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି । ପୋଲିସର ଥାର୍ଡ ଡିଗ୍ରୀ ପରେ ରାଜେଶ ଏସସିବି ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିଲେ । କିନ୍ତୁ ରାକେଶଙ୍କୁ ପୋଲିସ କେଉଁଆଡେ ଉଠାଇ ନେଇଯାଇଥିବା ଖବର ପାଇଥିଲେ ପରିବାର । ଘଟଣା ବିଷୟରେ ଗ୍ରାମବାସୀ ଜାଣିବା ପରେ ଶତାଧିକ ମହିଳା ଓ ପୁରୁଷ ବାରଙ୍ଗ ଥାନାରେ ପହଞ୍ଚି ଥାନା ଘେରାଉ କରିଛନ୍ତି । ପୋଲିସର ଅମାନୁଷିକ କାର୍ଯ୍ୟକୁ ବିରୋଧ କରି ବାରଙ୍ଗ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ଘଟଣାସ୍ଥଳରେ କଟକ ଡିସିପିଙ୍କ ସମେତ ଏସିପି ବିଭିନ୍ନ ଥାନାରେ ଅଧିକାରୀ ଓ ଫୋର୍ସ ମୁତୟନ ହୋଇଛନ୍ତି ।

## ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ



**କଟକ:** ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ। ସହମତିରେ ଶାରୀରିକ ସମ୍ପର୍କ ରଖାଯିବା ପରେ ଯଦି ବୁଝାମଣା ଅଭାବ ହୁଏ ଓ ଦୁଇ ଜଣଙ୍କ ଭିତରେ ତିକ୍ତତା ଦେଖାଦିଏ, ତେବେ ପରବର୍ତ୍ତୀ ସମୟରେ ଏପରି ସମ୍ପର୍କକୁ ବଳାତ୍କାର ଆଖ୍ୟା ଦିଆଯାଇପାରିବ ନାହିଁ। ଏକ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ହାଇକୋର୍ଟ। ଏହି ଅବସରରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ରଦ୍ଦ କରିବା ସହ ଅଭିଯୁକ୍ତକୁ ବଳାତ୍କାର ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଉଭୟ ପକ୍ଷଙ୍କୁ ଶୁଣିବା ପରେ ମାମଲାର ପରିସ୍ଥିତିରୁ ଏହା ପରସ୍ପର ସହମତି ଭିତ୍ତିକ ସମ୍ପର୍କ ପରି ଜଣାପଡୁଥିବା ସ୍ପଷ୍ଟ କରିଛନ୍ତି କୋର୍ଟ । ପୀଡ଼ିତାଙ୍କ ଶରୀରରେ କୌଣସି ଚିହ୍ନ କିମ୍ବା ଆଘାତ ମିଳିନଥିଲା ବୋଲି ମେଡିକାଲ ଅଫିସରଙ୍କ ସାକ୍ଷ୍ୟ ଦର୍ଶାଉଛି। ଘଟଣା ଘଟିବା ପରେ ବିଳମ୍ବରେ ଏଫଆଇଆର ଦାୟର କରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଇ ପାରି ନାହିଁ। ଅନ୍ୟ ପକ୍ଷରେ ଅଭିଯୁକ୍ତ ଜଣକ ପରିଚିତ ଥିଲେ ଏବଂ ସେମାନଙ୍କ ଘରକୁ ପ୍ରାୟତଃ ଯାତାୟାତ କରୁଥିଲେ ବୋଲି ସ୍ପଷ୍ଟ ହୋଇଛି । ମମାଲାଟି ଏପରି ଥିଲା ଯେ , ପୀଡ଼ିତାଙ୍କ ସ୍ୱାମୀ ୨୦୨୨ ମେ' ୨୧ ବାଲିଯାତ୍ରା ଦେଖିବାକୁ ଯାଇଥିବା ବେଳେ ସେହି ସମୟରେ ଅଭିଯୁକ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପୀଡ଼ିତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଥିଲା। ଅଭିଯୁକ୍ତ ବିରୋଧରେ ବଳାତ୍କାର ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହି ମାମଲାରେ ଜୟପୁରର ଅତିରିକ୍ତ ସେସନ୍ସ ଜଜ(ଫାଷ୍ଟ ଟ୍ରାକ) ସ୍ପେସାଲ କୋର୍ଟ ୨୦୨୫ ଜୁଲାଇରେ ପଙ୍କଜଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କାରାଦଣ୍ଡ ଶୁଣାଇଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଶନିବାରଠୁ ରାଜ୍ୟରେ ଆରମ୍ଭ ହେବ ଏସଆଇଆର

# ଘର ଘର ବୁଲି ଗଣନା କରିବେ ବିଏଲଓ



**ଭୁବନେଶ୍ୱର:** ଏସ୍ଆଇଆର୍ ନେଇ ରାଜ୍ୟ ନିର୍ବାଚନ ଅଧିକାକରୀଙ୍କ ଆରଏସ ଗୋପାଳନ ସୂଚନା ଦେଇଛନ୍ତି । ଶନିବାରଠୁ ଆରମ୍ଭ ହେବ ଏସଆଇଆର ପ୍ରକ୍ରିୟା। ଜୁନ ୨୮ ଯାଏ ଚାଲିବ । ୪୫ ହଜାର ୨୫୫ ବୁଥ୍ ଲେଵୁଲ ଅଧିକାରୀ ନିଯୁକ୍ତି ହୋଇଛନ୍ତି। ସମସ୍ତଙ୍କ ତାଲିମ ସରିଛି । ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଘର ବୁଲି ଗଣନା କରିବେ ବିଏଲଓ। ଏହା ସହ ୩୧ ହଜାର ୨୬ ବୁଥ ଲେଵୁଲ ଏଜେଣ୍ଟ ମଧ୍ୟ ଦେଇଛନ୍ତି। ସକାଳେ ଘର ଘର ବୁଲି ଗଣନା କରିବେ। ପ୍ରତିଦିନ ସନ୍ଧ୍ୟାରେ ୩ ଟାରୁ ୫ଟା ବୁଥରେ ଉପସ୍ଥିତ ରହିବେ ବିଏଲଓ। ରାଜ୍ୟରେ ବର୍ତ୍ତମାନ୍ ସୁଦ୍ଧା ୯୫ ପ୍ରତିଶତ ଅର୍ଥାତ ୩କୋଟି ୧୬ ଲକ୍ଷ ୩ ହଜାର ୩୨୩ ଜଣ ଭୋଟରଙ୍କ ମ୍ୟାପିଙ୍ଗ ସରିଛି। ୧୭ ପ୍ରତିଶତ ସାମାନ୍ୟ ତ୍ରୁଟି ବାହାରିଛି। ବୟସ ତ୍ରୁଟି, ନାମ ତ୍ରୁଟି ଏବଂ ବାପାଙ୍କ ନାମ ତ୍ରୁଟି ଯୋଗୁଁ ଏରର ଆସୁଛି। ଡୋର ଡୋର ବୁଲିବା ବେଳେ ତାକୁ ସଂଶୋଧନ କରିବେ ବିଏଲଓ। ମ୍ୟାପଙ୍ଗ ସାରିଥିବା ଭୋଟର ନିଜର ଫଟୋ ଦେବେ ଏବଂ ସାଇନ କରିବେ। ଭୋଟର ଚାହିଁଲେ ନୂଆ ଫଟୋ ଦେଇ ପାରିବେ। ସବୁ ଭୋଟରଙ୍କୁ ୨ ଟା ଫର୍ମ ଦିଆଯିବ। ପ୍ରମାଣ ପାଇଁ ନିଜେ ଗୋଟିଏ ଫର୍ମ ରଖିବେ। ଆଉ ଗୋଟିଏ ଫର୍ମ ବିଏଲ୍ଓଙ୍କୁ ଦେବେ। ହିଟ୍‌ୱେଭ ସତର୍କତା ମାନି କାମ କରିବାକୁ ନିର୍ଦ୍ଦେଶ ଦେଲେ ରାଜ୍ୟ ନିର୍ବାଚନ ଅଧିକାରୀ। ଅଣ ଭାରତୀୟଙ୍କୁ ତାଲିକାରୁ ବାଦି ଦିଆଯିବାକୁ ଏସ୍ଆଇଆର୍ କହିଲେ ସିଇଓ।

## ୩୯ ତମ ଦିବସରେ ରଥଖଳା

# ତିନିରଥର ଦଣ୍ଡାଫ୍ରେମ ନିର୍ମାଣ ଶେଷ ପର୍ଯ୍ୟାୟରେ

- ପୋଲ ଗୟଳ ଚଉପଟ ଆରମ୍ଭ
- ଦଣ୍ଡା କଣ୍ଟା, ଗୟଳ କଣ୍ଟା , ପୋଟଳ କଣ୍ଟା ନିର୍ମାଣ ଜାରି



**ପୁରୀ :** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଖଳା ଚଳଚଞ୍ଚଳ । ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଶୁକ୍ରବାର ରଥ ନିର୍ମାଣର ୩୯ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥର ପାଞ୍ଚଦଣ୍ଡାର ନିର୍ମାଣ କାର୍ଯ୍ୟ ତଥା ମୁଖ ସାଲ ଶେଷ ହୋଇ ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ତିନିରଥର ଚେଚିସ ବା ଦଣ୍ଡା ଫ୍ରେମ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ତିନି ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଆଣି ମୁହଁଟ ରେ ପାଞ୍ଚୋଟି ସାଲ ଗୁଜ ଏବଂ ପଛ ଆଣି ମୁହାଁଟ ରେ ତିନିଗୋଟି ଜଳଯନ୍ତ୍ର ଏବଂ ଦୁଇପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡି ସଂଯୋଗ ହୋଇଅଛି। ବାକି ରହିଛି ପାଞ୍ଚ ଦଣ୍ଡାର ଦୁଇ ପଟରେ କୁଡିକା ସଂଯୋଗ ହୋଇ ପାର୍ଶ୍ୱ ଦଣ୍ଡା ସଂଯୋଗ କାର୍ଯ୍ୟ ହୋଇଛି । ସେହିପରି ଆରମ୍ଭ ହୋଇଛି ପୋଲ ଗୟଳ ର ଚଉପଟ କାର୍ଯ୍ୟ । କରତୀ ସେବକ ମାନେ ଚିରଟ କରି ଯୋଗାଇ ଦେଇଥିବା ୪୦ ଫୁଟିଆ ପୋଲ ଗୟଳ ର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି ନନ୍ଦିଘୋଷ ରଥ ଏବଂ ତାଳ ଧ୍ୱଜ ରଥ ମହାରଣା ସେବକ ମାନେ ।ରୂପକାର ସେବକ ମାନେ ତିନିରଥର ସାଲ ଗୁଜ ରେ ରୂପ ଖୋଦେଇ ଶେଷ କରି ତୀଖ ଗୁଜ ଗୁଡିକରେ ରୂପ ଖୋଦେଇ ର ଶେଷ ସ୍ପର୍ଶ ଦେଉଛନ୍ତି ଏଥିସହ ରୂପକାର ସେବକ ମାନେ ଆଜି ଆରମ୍ଭ କରିଛନ୍ତି ତିନି ରଥର ବେଦୀ ସିଂହାସନ ମୁହାଁଟି ର ଖୋଦେଇ କାର୍ଯ୍ୟ । ଉକ୍ତ ବେଦୀ ସିଂହାସନ ମୁହଁଟି ର ମଝିରେ ପୁର୍ଣ୍ଣ କୁମ୍ଭ, କୁମ୍ଭ ଦୁଇପାଶ୍ୱରେ ମତ୍ସ୍ୟ, ମୟୂର ଏବଂ ଡାଳି ଲତା ଚିତ୍ର ଅଙ୍କନ କରି ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି । କରତୀ ସେବକ ମାନେ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଶେଷ ପରେ ଆଜି ଦର୍ପଦଳନ ରଥ ର ୪୦ ଫୁଟିଆ ପୋଲ ଗୟଳ ର ଚଉପଟ ପୂର୍ବରୁ ଉଭୟ ପାର୍ଶ୍ୱ କୁ ବାରିସି ରେ ହାଣି ସମତଳ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ସହ ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥଯାତ୍ରା ସେବା ନୀତି ତଥା ପୂଜାର୍ଚ୍ଚନା ପାଇଁ ବେଶ୍ ଘୋଡ଼ିଆ ଏବଂ ଫୁଲ ଟାଙ୍ଗଡ଼ା ଫ୍ରେମ୍ ନିର୍ମାଣ ଜାରୀ ରଖିଛନ୍ତି।

# ଏଥର ଓଡିଶାରେ ସ୍ୱାଭାବିକ ଠାରୁ କମ୍ ବର୍ଷା

- ମୌସୁମୀ ବେଳେ ମାଡ଼ ହେବ ଏଲ ନିନୋ
- ବର୍ଷାର ପରିମାଣକୁ କରିବ ଧିମା



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଚିନ୍ତା ବଢାଇଲା ଭାରତୀୟ ପାଣିପାଗ ବିଭାଗର ସୂଚନା। ଏଥର ଓଡିଶାରେ ହେବ କମ୍ ବର୍ଷା। ଏନେଇ ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଭାବେ ସୂଚନା ଦେଇଛନ୍ତି ଆଇଏମଡି ଡିଜି। ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ନେଇ ଆଇଏମଡି ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଏଥର ଜୁନରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା। ଜୁନରେ ସ୍ୱାଭାବିକଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବ। ଦେଶର ମଧ୍ୟ ଭାଗରେ ୯୪% କମ୍ ବର୍ଷା ହେବା ଆଶଙ୍କା ରହିଛି। ଏବେ ଏଲ୍-ନିନୋ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଓଡିଶା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ହିଟ୍‌ୱେଭ୍ ସତର୍କତା ଜାରି କରିଛି। ୧୬ ତାରିଖରେ ଆଣ୍ଡାମାନ ଛୁଇଁଛି ମୌସୁମୀ। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ୨୦୨୬ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକ ଠାରୁ କମ୍ ମୌସୁମୀ ବର୍ଷା ହେବ ବୋଲି ଆଶା କରାଯାଉଛି। ମୋଟ ବର୍ଷା ପରିମାଣର ୯୦% ହେବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ, ଜୁନ୍ ମାସରେ ଅଧିକାଂଶ ଅଞ୍ଚଳରେ କମ୍ ବର୍ଷା ଏବଂ ତାପମାତ୍ରା ଅଧିକ ହେବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଏବଂ ତେଲଙ୍ଗାନା ସମେତ ଅନେକ ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ଗରମ ପ୍ରବାହ ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ୨୦୨୬ ମୌସୁମୀ ପାଇଁ ଏକ ଚିନ୍ତାଜନକ ପୂର୍ବାନୁମାନ ଜାରି କରିଛି। ବିଭାଗ ଅନୁଯାୟୀ, ଜୁନ୍ ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ଆଶା କରାଯାଉଛି। ଏହା ସହିତ, ଅନେକ ରାଜ୍ୟରେ ଗରମ ପ୍ରବାହ ଦିନ ସଂଖ୍ୟା ବୃଦ୍ଧି ପାଇପାରେ।୨୦୨୬ ଜୁନ୍ ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସାରା ଦେଶରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ଆଶା କରାଯାଉଛି ।ଦେଶସାରା ମୋଟ ମୌସୁମୀ ବର୍ଷା ଦୀର୍ଘକାଳୀନ ହାରାହାରି ର ପ୍ରାୟ ୯୦% ହେବ ବୋଲି ଆଶା କରାଯାଉଛି ।ଉତ୍ତରପୂର୍ବ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ ।ମଧ୍ୟ ଭାରତ, ଦକ୍ଷିଣ ଭାରତ ଏବଂ ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ଆଶା କରାଯାଉଛି ।କୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିବା ମୌସୁମୀ କୋର୍ ଜୋନ୍ ରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି ।ଜୁନ୍ ୨୦୨୬ ରେ ସାରା ଦେଶରେ ହାରାହାରି ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ଆଶା କରାଯାଉଛି ।ଉତ୍ତରପଶ୍ଚିମ, ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତର କିଛି ଅଂଶ ବ୍ୟତୀତ ଅଧିକାଂଶ ଅଞ୍ଚଳରେ ଅଭାବ ବର୍ଷା ହେବାର ସମ୍ଭାବନା ଅଛି ।ଜୁନ୍ ମାସରେ ଦେଶର ମୋଟ ବର୍ଷା ୯୨% ତଳେ ରହିବ ବୋଲି ଆଶା କରାଯାଉଛି ।ଜୁନ୍ ମାସରେ ଦେଶର ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ଅଛି ।ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ବିହାର, ଓଡ଼ିଶା, ଛତିଶଗଡ଼, ଗୁଜରାଟ ଏବଂ ଆନ୍ଧ୍ର ପ୍ରଦେଶରେ ସ୍ୱାଭାବିକଠାରୁ ଅଧିକ ଗରମ ଲହରୀ ଅନୁଭୂତ ହୋଇପାରେ। ମହାରାଷ୍ଟ୍ର, ତେଲଙ୍ଗାନା, ହିମାଚଳ ପ୍ରଦେଶ ଏବଂ ତାମିଲନାଡୁର କିଛି ଅଞ୍ଚଳରେ ମଧ୍ୟ ଗରମ ଲହରୀ ତୀବ୍ର ହୋଇପାରେ। ରାଜସ୍ଥାନ ଏବଂ ଝାଡ଼ଖଣ୍ଡରେ ସ୍ୱାଭାବିକଠାରୁ କମ୍ ଗରମ ଲହରୀ ଅନୁଭୂତ ହେବାର ଆଶା କରାଯାଉଛି। ଆଇଏମଡ଼ି ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ ନିରପେକ୍ଷ ଏଲ୍ ନିନୋ-ଦକ୍ଷିଣ ଦୋଳନ ପରିସ୍ଥିତି ଏବେ ଏଲ୍ ନିନୋ ଆଡକୁ ଗତି କରୁଛି। ପାଣିପାଗ ମଡେଲଗୁଡ଼ିକ ସୂଚିତ କରୁଛନ୍ତି ଯେ ମୌସୁମୀ ଋତୁରେ ଏକ ଏଲ୍ ନିନୋ ବିକଶିତ ହୋଇପାରେ। ଏଲ୍ ନିନୋ ସାଧାରଣତଃ ଭାରତରେ ମୌସୁମୀ ବର୍ଷାକୁ ଦୁର୍ବଳ କରିଥାଏ। ପାଣିପାଗ ବିଭାଗ ଜୁନ୍ ଶେଷ ସପ୍ତାହରେ ଜୁଲାଇ ବର୍ଷା ପାଇଁ ପରବର୍ତ୍ତୀ ପୂର୍ବାନୁମାନ ପ୍ରକାଶ କରିବ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୩୦ ମେ' ୨୦୨୬

ସମ୍ପାଦକୀୟ

## ଟାଙ୍କି ଫାଙ୍କା ! କଥା ବଙ୍କା

ପରିସ୍ଥିତି ଏବେ ଏତେ ବିଗିଡ଼ିଯାଇଛି, ଯାହାର ଅତି ଭୟଙ୍କର ଚିତ୍ର ସାମ୍ନାକୁ ଆସୁଛି। ଇରାନ୍ -ଆମେରିକା ଯୁଦ୍ଧର କଥା ଯାହାକି ପରିସ୍ଥିତିକୁ ଏବେ ଜଟିଳ ମୋଡ଼ ଦେଇଛି। ଇରାନ୍ ଏବଂ ଆମେରିକା ମଧ୍ୟରେ ଯୁଦ୍ଧର ସେମିତି କିଛି ବି କାରଣ ନାହିଁ। କଥାଟାକୁ କେହି ବି ବିଶ୍ୱାସ କରିବେ ନାହିଁ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ହେବାର ଆଜିକୁ ପ୍ରାୟ ଅଢ଼େଇମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଫେବୃଆରୀ ୨୨ ତାରିଖରୁ ଉଭୟ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ସ୍ଥଗିତ ରହିଛି ଏକ ଅସ୍ଥାୟୀ ଅସ୍ତ୍ରବିରତି ମଧ୍ୟରେ। ଆରମ୍ଭରୁ ତ କେବଳ ୧୨ ଦିନର ଯୋଜନା ଥିଲା। ହେଲେ ୧୨ ଦିନ ପରେ ଯେବେ ଉଭୟ ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଆକ୍ରମଣ ଆରମ୍ଭ ହୋଇଗଲା ଇରାନ୍ ଉପରେ, ସେବେ ସ୍ଥିତି ଅତି ଅସମ୍ଭାଳ ହୋଇଗଲା। ଆକ୍ରମଣ ଆଗକୁ ଜାରି ରହିଲା। ସେମିତି ତ ଇସ୍ରାଏଲ୍‌ଟା ଅତି ଯୁଦ୍ଧଖୋର ପ୍ରକୃତିର। ତା'ସାଙ୍ଗକୁ ଆମେରିକାର ହାତ ଯାହା ମୁଣ୍ଡ ଉପରେ ରହିଲା, ସେ ବା ଇନ୍ଦ୍ର ଚନ୍ଦ୍ର କାହାକୁ ମାନିବ କାହିଁକି ?ବାସ, ସେ ବି ତ ସହଜରେ ଯୁଦ୍ଧଖୋର ପ୍ରକୃତିର। ସେ ବି ମାତିଗଲା ଆମେରିକା ସହିତ। ଲାଗିଗଲା ଇରାନ୍ ପଛରେ। ଉଦ୍ଦେଶ୍ୟ ରହିଲା ଇରାନ୍ ର ପରମାଣୁ ପରୀକ୍ଷଣ ପ୍ରକ୍ରିୟା ବନ୍ଦ କରିବା। ପରୀକ୍ଷଣ ତ ବ ବନ୍ଦ ହେଲାନି ବରଂ ସମସ୍ୟା ଦିନକୁ ଦିନ ଦିନ ବଢ଼ି ଚାଲିଲା। ଇରାନ୍ ତା'ର ପରୀକ୍ଷଣ କିଭଳି ଆଗକୁ କରିବ ଅବା ନ କରିବ, ସେ ନେଇ କେବଳ ସେ ହିଁ ଚିନ୍ତା କରିବ। ସେଥିରେ କାହାର ବି କିଛି ଭୂମିକା ନାହିଁ। କାରଣ ଇରାନ୍ ତା'ଦେଶର ମାଲିକ। ଇରାନ୍ ତା' ଇଚ୍ଛାର ମାଲିକ । ସେଣୁ ସେ ତା'ର ଦେଶରେ କ'ଣ କରିବ ଅବା ନ କରିବ, ସେ ନେଇ କାହାର କିଛି ଚିନ୍ତା କରିବା ଦରକାର ନାହିଁ କିମ୍ବା ଇରାନ୍ ମାମଲାରେ କାହାର କିଛି ବି ହସ୍ତକ୍ଷେପର ଆବଶ୍ୟକତା ନାହିଁ। କେଉଁ ଅଧିକାର ନେଇ ଆମେରିକା ମୁଣ୍ଡ ଖେଳାଉଛି ଇରାନ୍ କଥାରେ। କାହିଁକି ବା ମୁଣ୍ଡ ଖେଳାଉଛି ଇରାନ୍ କଥାରେ ଆମେରିକା ? ସେ କଥା ତ କେହି କହିପାରିବେନି। ଯାହା ପଛର କାରଣ ଭିତ୍ତିହୀନ ଏବଂ ଯାହା ପଛର କାରଣ ନିରର୍ଥକ, ତା'ର ଅର୍ଥ କିଏ ବା କିପରି କରିବ ? ସେପରି ଅର୍ଥରୁ ଏବେ ଆରମ୍ଭ ହୋଇଗଲାଣି ଅନର୍ଥ। ଇରାନ୍ ଏବଂ ଆମେରିକା ମଧ୍ୟରେ ଲାଗିରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏବେ ତା'ର ବିଷମ ପ୍ରଭାବ ଦେଖିବାକୁ ମିଳିଛି ଭାରତବର୍ଷରେ। ଧୀରେ ଧୀରେ ଏହି କୁପ୍ରଭାବ ଆଗକୁ ଆହୁରି ବ୍ୟାପକ ହୋଇପାରେ। ଆଗକୁ ଆହୁରି ସାଙ୍ଘାତିକ ହେଇପାରେ। ତେବେ ଏବର ଭାରତୀୟ ସ୍ଥିତି ଯାହା, ସେଥିରୁ ଯାହା ବି କିଛି ପୂର୍ବାନୁମାନ କରାଯାଉଛି, ଭାରତୀୟ ବଜାରରେ ଆମ କହିବାର ମାନେ ତେଲ ଟାଙ୍କିରେ ଏବେ ଦେଖାଦେଇଛି ସଙ୍କଟ । ତେଲ ଏତେ ସହଜରେ ଉପଲବ୍ଧ ହେଉନାହିଁ। ଧୀରେ ଧୀରେ କେଉଁଠି ଲମ୍ବାଲାଇନ୍ ଲାଗୁଛି ତ ଆଉ କେଉଁଠି ପୁରା ଫାଙ୍କା। ଯେଉଁଠି ଲମ୍ବାଲାଇନ୍ ଲାଗୁଛି, ସେଠାରେ ଯେ ଲୋକଙ୍କ ଭିଡ଼ ଲାଗିଛି ତେଲ ପାଇଁ ,ଏ କଥା ତ ଅତି ସହଜରେ ବୁଝାପଡୁଛି, ତେବେ ଯେଉଁଠି ଫାଙ୍କା ସେଠାରେ ଆମେ କି ବୁଝିବା ? ଯେଉଁଠି ଲୋକ ଫାଙ୍କା , ସେଠାରେ ସବୁକିଛି ଫାଙ୍କା; ମୂଳତଃ ତେଲ ବି ଫାଙ୍କା। ବିନାତେଲରେ ଟାଙ୍କିରେ କି ମୂଲ୍ୟ ? କହିବାର ସିଧାମନେ ହେଉଛି ଟାଙ୍କି ପଡ଼ିଛି ଫାଙ୍କା । ତେଲ ପାଇଁ ଲୋକେ ଏବେ ଚିନ୍ତାରେ। ଏଠାରେ ଗୋଟାଏ କଥା କହିବା ବାହୁଲ୍ୟ ଯେ ଗାଡ଼ି ବିନା ଗୋଡ଼ ବନ୍ଦ ଏବଂ ଗୋଡ଼ ବିନା ଗତି ବନ୍ଦ। ଏହା ଏକ ଅତି ସାଧାରଣ କଥା। ଗ୍ରାମରୁ ସହର ଯାଏଁ , ସବୁଠି ତୈଳ ସଙ୍କଟ। ସ୍ଥିତି ଏପରି ହୋଇଛି ଯେ ଶେଷରେ ପ୍ରଧାନମନ୍ତ୍ରୀଙ୍କୁ ହାତ ଯୋଡ଼ିବାକୁ ପଡ଼ିଲା ଭାରତବାସୀଙ୍କ ନିକଟରେ। ଏଥିରୁ ସଙ୍କଟର ଶକ୍ତତ୍ୱ ଅତି ସହଜରେ ଅନୁମେୟ। ତଥାପି ଲୋକଙ୍କୁ ଭରସା ଦେଉଛନ୍ତି ସଚିବ। ଯେ ସବୁ ଠିକ୍‌ଠାକ୍ ଅଛି। ସେମାନେ ତ କାଗଜ କଲମରେ ବେଶି ଚାଷ କରନ୍ତି। ଏଣୁ ସେମାନଙ୍କ କଥାରେ ବିଶ୍ୱାସ କରିବାରେ କ୍ଛି ଅସୁବିଧା ନାହିଁ। ହେଲେ ବଜାରର ସ୍ଥିତି ଯାହା କହୁଛି, ତାହା ସମ୍ପୂର୍ଣ୍ଣ ଭିନ୍ନ। ଏପଟେ ଟାଙ୍କି ଫାଙ୍କା, ସେପଟେ ନେତାମନ୍ତ୍ରୀଙ୍କ କଥା ବଙ୍କା। ଏପଟେ ସଚିବ କହୁଛନ୍ତି ଦେଶରେ ନାହିଁ ତୈଳ ସଙ୍କଟ, ସେପଟେ ନେତାଏ କହୁଛନ୍ତି ତୈଳରେ କିଛି ସମସ୍ୟା ନାହିଁ, ସମସ୍ୟ ରହିଛି ପରିଚାଳନାରେ। କାହା କଥା ଠିକ୍ ଏବଂ କାହା କଥା ଭୁଲ୍ । କେମିତି ଜାଣିବା ? ମୋଟାମୋଟି ଭାବରେ କହିଲେ ଯେବେ କଥାରେ ରହୁନି ତାଳମେଳ , ସେବେ କାମରେ କେମିତି ରହିବ ତାଳମେଳ। ସେଣୁ ସୁଲଭ ଭାବରେ ଏବଂ ସୁଲଭ ମୂଲ୍ୟରେ ବଜାରରେ କେମିତି ମିଳିବ ତୈଳ ?

## ମା'ର ମମତା

ଭଲରେ ଯେମିତି ଯାଏ, ପୁଣି ଭଲରେ ସେମିତି ଫେରିଆସେ ତା'ର ଘରକୁ । ସବୁ ତ ଠିକ୍ ଠାକ୍ ଚାଲେ। ହେଲେ ଦିନେ କିନ୍ତୁ ଗୋଟାଏ ଭୁଲ୍ ହୋଇଗଲା। ଘାସ ପଡ଼ିଆରେ ବୁଲୁ ବୁଲୁ କେତେବେଳେ ଯେ ସେ ତା'ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଜାଣିପାରିନି। ଜଙ୍ଗଲର ବେଶି ଭିତରକୁ ପଶିଯିବା ଦ୍ୱାରା ତା'ର ହଠାତ୍ ଜଙ୍ଗଲ ରାଜା ବାଘ ସହିତ ସହିତ ତା'ର ସାମ୍‌ନା ହୋଇଗଲା। କ'ଣ କରିବ ଏବଂ ନ କରିବ , କିଛି ବି ବୁଝିପାରିଲାନି ସେ । ଭାବିଲା ଆଜି ଜୀବନ ଗଲା। ସିଂହ ବି ଏବେ ନନ୍ଦାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦା ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା , ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି । ହେଲେ ବାଘ କିନ୍ତୁ ଶୁଣିବାକୁ ନାରାଜ୍ । ଏଣୁ ତା' ପାଖରେ ନନ୍ଦା ତା'ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା'ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ । ନନ୍ଦା ତା'ର ବାଛୁରୀ ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା'ର ପାଖକୁ। ନନ୍ଦା ବି ଅତି ସହଜରେ ରାଜି ହୋଇଗଲା ରାଜା କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା'ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା' ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା' ଛୁଆଙ୍କୁ ମାରିଦେବ । ନନ୍ଦା ତା' କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ । କିଛି ସମୟ ଭିତରେ ସେ ତା'ର ଛୁଆ ପାଖରେ ପହଞ୍ଚି ତା'ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା' କହିଲା କି ଭଲକରି କ୍ଷୀର ପିଇଦେ । ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ'ର ଶେଷଦିନ। ପରେ ସେ ତାକୁ ଜଙ୍ଗଲର ସେହି କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା'ର ଛୁଆ ବି ତା'ର ସହିତ ଯିବା ପାଇଁ ଜିଦ୍ କରି ମା' ସହିତ ଗଲା। ଚଭୟ ମା' ଛୁଆ ଯାଇ ପହଞ୍ଚିଲେ ବାଘ ପାଖରେ। ବାଘ ତ ପ୍ରଥମେ ନିଜକୁ ବିଶ୍ୱାସ କରିପାରିଲା ନାହିଁ। ପରେ ନନ୍ଦାର ବଚନବଦ୍ଧତା ରେ ସନ୍ତୁଷ୍ଟ ହୋଇ ବାଘ ରାଜା ନନ୍ଦା ଉପରେ ସନ୍ତୁଷ୍ଟ ହୋଇ ତାକୁ ଛାଡ଼ିଦେଲା। ଉଭୟ ମା' ଛୁଆ ଖୁସି ମନରେ ତାଙ୍କ ଘରକୁ ଫେରି ଆସିଲେ ଏବଂ ପରେ ଘରେ ପହଞ୍ଚି ସେମାନେ ବାଘ ରାଜାର ପ୍ରଶଂସା କଲେ। ବାଘ ହିଁ ଅସଲ ରାଜା।

### 'ପିତା ମାତା ପରି ଆଉ କେ ଅଛି ସଂସାରେ

# ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ



ଡଃ.ଅରୁନ୍ଧତୀ ଦେବୀ

'ପିତା ମାତା ପରି ଆଉ କେ ଅଛି ସଂସାରେ, ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'– ମଧୁସୂଦନଙ୍କ କାଳଜୟୀ ଏହି ଦୁଇପଦ ପରିବାରର ଆସନକୁ ବୈକୁଣ୍ଠ ସମାନ ସ୍ଥାନ ଦେଇଛି। ଆମ ଭାରତୀୟ ପରିବାରକୁ ଦେଖିଲେ ସୁସ୍ଥ ସମାଜ ଓ ସୁଦୃଢ଼ ସମ୍ପ୍ରଦାୟ ତିଆରି କରିବା ପାଇଁ ପରିବାରର ଗୁରୁତ୍ୱ ସବୁଠାରୁ ଅଧିକ। ଅନେକ ଅର୍ଥନୈତିକ, ଜଞ୍ଜାଳଚକ୍ର, ତେଲ ଲୁଣର ଚିନ୍ତା ଓ ସଂଘର୍ଷ, ଆହ୍ୱାନ ଓ ପ୍ରଯୁକ୍ତିଗତ ଅଗ୍ରଗତି ସତ୍ତ୍ୱେ ପରିବାର ପ୍ରତ୍ୟେକ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇ ରହିଛି। ପରିବାର ହିଁ ସେହିପରି ଏକ ପୁଣ୍ୟକ୍ଷେତ୍ର ଯେଉଁଠି ଜଣେ ବାଲ୍ୟକାଳରୁ ହିଁ ଜୀବନରେ ନିତି ନୈତିକତା, ମାନବୀୟ ମୂଲ୍ୟବୋଧ, ଆଦର୍ଶ, ସଂସ୍କାର ଶିକ୍ଷା ପାଇବା ସହିତ ଏକ ଆବେଗପୂର୍ଣ୍ଣ ସୁସ୍ଥତା ଓ ସାଂସ୍କୃତିକ ପରିଚୟ ପ୍ରଦାନ କରିଥାଏ। ତେଣୁ ପରିବାରକୁ ପ୍ରଭାବିତ କରୁଥିବା ସମସ୍ୟା ଆହ୍ୱାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ପରିବାର ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ଗୋଟିଏ ଗୋଟିଏ ଶିକ୍ଷାଦାୟୀ ବାର୍ତ୍ତା ରହିଥାଏ ଏ ବର୍ଷର ବାର୍ତ୍ତା ରହିଛି – 'ପରିବାର, ଅସମାନତା ଓ ଶିଶୁଙ୍କ ସୁସ୍ଥତା'। ସଂପ୍ରତି ବିଶ୍ୱ ସ୍ତରରେ ଯେଉଁପରି ନାନାଦି ସଙ୍କଟ, ସାମାଜିକ, ଅର୍ଥନୈତିକ, ସାମରିକ, ବୈଷମ୍ୟ, ଜଳବାୟୁର ଅଚିନ୍ତନୀୟ ଅସ୍ୱାଭାବିକ ଆହ୍ୱାନ ଅନେକ ପରିବାରର ଜୀବନ ବିଶେଷକରି ଶିଶୁଙ୍କ ଭବିଷ୍ୟତ ପାଇଁ ପ୍ରଭାବ ସୃଷ୍ଟି କରୁଛି। ତେଣୁ ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ମିଳିତ ଜାତିସଂଘ ପରିବାର କୈନ୍ଦ୍ରିକ ନୀତି ପ୍ରଣୟନ ସହିତ ଶିଶୁଙ୍କ ସାମଗ୍ରିକ ସୁସ୍ଥ ବିକାଶତା ପାଇଁ ଆହ୍ୱାନ ଦେଇଛି।

ପରିବାର ପାଇଁ ଜଣେ କିପରି ତ୍ୟାଗ ନିର୍ବାହ କରିପାରେ, ଆଜିର ଗଣମାଧ୍ୟମର ଖବରଟି ମୋ ପାଇଁ ଯେତିକି ଚକିତ କଲାଭଳି ଥିଲା ସେତିକି ମର୍ମାନ୍ତିକ ମଧ୍ୟ। ଜଣେ ମାଆ ନିଜ ପିଲାର ସୁରକ୍ଷା ପାଇଁ କିଛି ବି କରିପାରେ। ନିଜ ପିଲାଟି ଉପରେ ଟିକିଏ ବି ଧୂଳିର ବିପଦ ଆସିଲେ ମାଆ ପଣତ କାନି ଘେରାଇ ଦେଇଥାଏ, ପୁଅ ପାଇଁ ନିଜ ଜୀବନକୁ ପ୍ରଥମେ ହିଁ ବାଜିରେ ଲଗାଇ ଦିଏ। ଏହିପରି ଏକ ବଡ଼ ଘଟଣା ସଂଗଠିତ ହୋଇଛି ମେକ୍ସିକୋରେ। ଜଣେ ବିଚାରପତି ରାମାରେଜ ଦୃଷ୍ଟିଆଗା। ୩୫ ବର୍ଷୀୟ ଏହି ବିଚାରପତି ମେ ୩ ତାରିଖରେ ନିକଟସ୍ଥ ଏକ ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳ ଦେଖିବା ପାଇଁ ନିଜ ତିନି ବର୍ଷୀୟ ପୁଅ ସହିତ ଯାଇଥିଲେ। ଅଚାନକ ମହୁମାଛି ମାନେ ଚାରିଆଡ଼ୁ ସାଂଘାତିକ ଭାବେ ରାମାରେଜ ଓ ତାଙ୍କ ପୁଅ ତଥା ଅନ୍ୟମାନଙ୍କ ଉପରେ ମଧ୍ୟ ଆକ୍ରମଣ କରିଦେଇଥିଲେ ତେବେ ପୁଅକୁ ସୁରକ୍ଷା ଦେବା ପାଇଁ ରାମାରେଜ ନିଜେ ପିନ୍ଧିଥିବା ବଡ଼ ସ୍ୱିଇଟରକୁ ଖୋଲି ପୁଅକୁ ଘୋଡ଼ାଇ ଦେଇଥିଲେ କିନ୍ତୁ ନିଜେ ମହୁମାଛିଙ୍କ ତୀବ୍ର ବିଷାକ୍ତ ଦଂଶନର ଶିକାର ହୋଇଥିଲେ। ନଅ ଦିନ ହସ୍ପିଟାଲରେ ମୃତ୍ୟୁ ସହିତ ଲଢ଼ି ଶେଷରେ ତାଙ୍କ ଜୀବନ ଚାଲିଯାଇଛି। ଜଣେ ମାଆ ନିଜ ପିଲାଟି ପାଇଁ କିପରି ଯେ ନିଜ ଜୀବନକୁ ଦେଇ ପାରେ ଏହା ବଡ଼ ଉଦାହରଣ ଆଉ ନାହିଁ। ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଲେଖନୀଟି ମନେପଡ଼ୁଛି – 'ମାତୃସ୍ନେହ ସମ କି ଅଛି ସଂସାରେ, ଅଟେ ତା ସରଗ ସୁଧା ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର ପାନେ ନ ମେଣ୍ଟଇ କ୍ଷୁଧା।'

ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ। ଘର ହିଁ ଦେବତାଙ୍କ ନିବାସ ଦେବାଳୟ। ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ। ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି। ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ। କଥାରେ ଅଛି – 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ।

ଘର ହିଁ ସ୍ୱର୍ଗ। ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ। ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ। ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ। ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ। ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ। ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି। ଆଜି ବିଶ୍ୱ ପରିବାର ଦିବସ ଦିନରେ ସୁଦୂର ମେକ୍ସିକୋର ବିଚାରପତି ମାଆ ରାମାରେଜଙ୍କ ନିଜ ପୁଅଙ୍କ ଜୀବନ ପାଇଁ ଯେଉଁ ତ୍ୟାଗ, କେଜାଣି କାହିଁକି ସେହି ଅମୃତର ଚେତନା ଆମ ମାନଙ୍କୁ ନିଶ୍ଚିନ୍ତ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ସ୍ତୁତିଟି ଉଲ୍ଲେଖ କରୁଛି – 'ପିତାମାତା କରିଛନ୍ତି ଶରୀର ପାଳନ, ଯାହାଙ୍କ ଦୟାରେ ରହିଅଛି ଏ ଜୀବନ। ତାଙ୍କ ପାଦରେ ଜୁହାର; ତାଙ୍କ ଋଣ ଶୁଝିବାକୁ ଶକତି କାହାର।'

**ନିର୍ଦ୍ଦେଶିକା-ସମ୍ପାଦିକା,**
**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**

# ଆଇନର ଶାସନ, ଭିଡ଼ ହିଂସା, ନ୍ୟାୟ କେଉଁଠି ?



ଯୁଧିଷ୍ଠିର ମହାରଣା

ଆପଣ ଓଡ଼ିଶାରେ ରହୁଛନ୍ତି ତ, ଅନ୍ତତଃ ପକ୍ଷେ ଗତ ଦୁଇଟି ସପ୍ତାହର ଘଟଣାକୁ ଟିକିଏ ମନେପକାଇଲେ। ଆଜିର ଏକ ଅଭାବନୀୟ ଓ ସମାଜ ତତ୍ତ୍ୱଙ୍କ ଭୟଙ୍କର ଦୌରାତ୍ମ୍ୟ ସ୍ୱରୂପ ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ପଥର ଚାଲାଣକୁ ବିରୋଧ କରିଥିବା ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ଦୁଇହାତ ହାଣି ମାଫିଆ ମୃତ୍ୟୁଦଣ୍ଡ ଦେଲେ। ଠିକ ସମାନ କ୍ରମରେ ଗଣିଆ ଥାନା ଅଧୀନରେ ଜଣେ ଅର୍ଦ୍ଧଦଗ୍ଧ ମୃତ ଦେହ ଜବତ ହୋଇଛି। ବାଲିଅନ୍ତାର ବର୍ବରତା ସମଗ୍ର ଜାତୀୟ ଓ ଆନ୍ତର୍ଜାତିକ ଗଣମାଧ୍ୟମରେ ଓଡ଼ିଶାର ପୋଲିସ ବ୍ୟବସ୍ଥା ଓ ଆଇନର ଶାସନ ସମ୍ପର୍କରେ ଛବି ନିଶ୍ଚିନ୍ତ ଭାବରେ ଖରାପ କରିଛି। ଏହା ପୂର୍ବରୁ କଣାସରେ ଏକ ବର୍ବର କାଣ୍ଡ ସଂଗଠିତ ହୋଇଥିଲା। ସମ୍ବଲପୁର ବୁର୍ଲାରେ ବିକି ରୟ ନାମକ ଜଣେ ଯୁବକଙ୍କୁ ଥାନା ପାଖରେ ଗୋଡ଼ାଇ ହଣା ଯିବା ସହ ସୁନ୍ଦରଗଡ଼ର ଭସ୍ମାଥାନା ଅଞ୍ଚଳରେ ବର୍ବରତା ସୀମା ଟେକି ଜଣେ ଯୁବକଙ୍କୁ ରାତି ତମାମ ବାନ୍ଧିକି ପିଟିଲେ ସେହିପରି ରାୟଗଡ଼ା ସହରରେ ଗ୍ୟାଙ୍ଗୱାର ଘଟି ଅପହୃତ ଯୁବକଙ୍କୁ ହତ୍ୟା କରାଯାଇଛି। କିନ୍ତୁ ଏ ସବୁ ଭିତରେ ବାଲିଅନ୍ତା ଘଟଣା ଯେତିକି ହୃଦୟ ବିଦାରକ ସେତିକି ରହସ୍ୟମୟ। ଅତି ଭୟାନକ ମୃତ୍ୟୁଦଣ୍ଡ ପୀଡ଼ିତ କନିଷ୍ଟବଳ ସୌମ୍ୟ ଜଣେ ବଡ଼ିବିଲଡର ଥିଲେ, ତାଙ୍କ ସାଙ୍ଗ ଗଣମାଧ୍ୟମକୁ ଯାହା କହୁଛନ୍ତି ସେ କଥାରେ ତାଳମେଳ ରହୁନି। ତାଙ୍କ ସାଙ୍ଗକୁ ବାତ ମାରୁଥିବାର ସେ ଅନୁଭବ କଲେ ଏକ ଭିଡ଼ିଓରେ ମଧ୍ୟ ସୌମ୍ୟ ଅସ୍ୱାଭାବିକ ବିଚଳିତ ହେଉଥିବାର ଖବର ମୁଁ ବି ଦେଖିଛି। କିନ୍ତୁ ସର୍ବପ୍ରଥମେ ମୁହଁ ଲୁଚାଇ ପରେ ମୁହଁ ଖୋଲି ଦୁଇ ଯୁବତୀ ଗଣମାଧ୍ୟମକୁ ଯେତିକ ମନ୍ତବ୍ୟ ଦେଇଛନ୍ତି ତା'ଭିତରେ 'ସ୍ଥାନୀୟ ଲୋକ' ଶବ୍ଦଟି ସର୍ବାଧିକ ଥର ଘୋଷିତ ଶୁଆ ପରି ଜପିଛନ୍ତି। ଆଉ ଜଣେ ଭଦ୍ରଲୋକ ସୌମ୍ୟ ଗାଡ଼ିରୁ ପଡ଼ିବା ମାତ୍ରେ ଚାବି ଛଡ଼ାଇ ନେଇ ସେ ଯେପରି ଧର୍ଷଣର ଧାରା ବିବରଣୀ ଦେଉଥିଲେ ତେଣୁ ସୌମ୍ୟଙ୍କ ସାଙ୍ଗ ଦୁଇ ପୀଡ଼ିତ କୁହାଯାଉଥିବା ଝିଅ ଏବଂ ସେ ପ୍ରଥମ ଭଦ୍ରବ୍ୟକ୍ତି ଏହି ଚାରି ଜଣଙ୍କ ନାର୍କୋ ଆନାଲେସିସ ହେଉ। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ଗୃହସଚିବଙ୍କସହ ଡିଜିଙ୍କୁ କଡ଼ା ତାଗିଦ୍ କରିଛନ୍ତି।

ବାଲିଅନ୍ତା ଘଟଣା ଓଡ଼ିଶା ପୋଲିସର 'ଉଇ କେୟାର, ଉଇ ଡେୟାର' ଦର୍ପଟିକୁ ଡଷ୍ଟବିନ୍‌ରେ ପକାଇ ଦେଇଥିବାର କୁହାଯିବ ନି କି ? ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ପୋଲିସର କାର୍ଯ୍ୟ କ'ଣ ? ପୋଲିସ ବ୍ୟବସ୍ଥା କାହିଁକି ରହିଛି। କ'ଣ କେବଳ ହେଲମେଟ ପିନ୍ଧିନଥିବା ଲୋକର ଫଟୋ ଉଠାଇବାକୁ ଆଉ ବାଲି ଡମ୍ପରକୁ ଗୋଡ଼ାଇ ହାତ ଚିକ୍କଣ କରିବାକୁ ? ଅନ୍ୟପଟେ ବାଲିଅନ୍ତା ବର୍ବରତା ପୂର୍ବରୁ ଆମ ସମାଜରେ ଝିଅଟିର, ମହିଳାମାନଙ୍କର ସ୍ୱାଭିମାନ, ସମ୍ମାନ, ସୁରକ୍ଷା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ଏହା ସାମାଜିକତା ଠାରୁ ଏକ ସାମ୍ବିଧାନିକ ଦାୟିତ୍ୱବୋଧତା ମଧ୍ୟ। କୌଣସି କ୍ଷେତ୍ରରେ ଝିଅ ମାନଙ୍କପ୍ରତି ବିନ୍ଦୁଏ ବି ଅପମାନ ଅସହ୍ୟ ଏବଂ ଏହାକୁ କେବଳ ଭାଷଣରେ ନୁହେଁ ଏଥି ନିମିତ୍ତ ଏକ ପରିବେଶ ସୃଷ୍ଟି କରିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର।

ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ଅନେକ ଜାଣନ୍ତି – 'ଦେଉଳ ତୋଳି ନାଁ, ବାଟରେ..... ନାଁ'। ଯାହା ହେଉ କେଉଁଥିରେ ନା କେଉଁଥିରେ ତ ନାଁ କରିଛେ। ବାଲିଅନ୍ତା ଘଟଣାକୁ ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆ ଅତ୍ୟନ୍ତ ଚର୍ଚ୍ଚିତ କରିଛନ୍ତି। ପୋଲିସ ତଦନ୍ତ କରୁଛି, ଫୋରେନ୍ସିକ, ବ୍ୟବଚ୍ଛେଦ ରିପୋର୍ଟର ସର୍ବଶେଷ ତଥ୍ୟ ପୀଡ଼ିତାଙ୍କ ବୟାନ, ସୌମ୍ୟଙ୍କ ସାଙ୍ଗ ଓ ପ୍ରଥମ ଏହି ତଥ୍ୟକୁ ପ୍ରଚାରିତ କରିଥିବା ସୋସିଆଲ ମିଡ଼ିଆରେ ସେହି ଭଦ୍ରବ୍ୟକ୍ତି ଏବଂ ଏହି ଜଙ୍ଗଲୀ ବର୍ବରତା ଭିଡ଼ ହିଂସା କରିଥିବା ଅସାମାଜିକ ତତ୍ତ୍ୱଙ୍କ ସହିତ ଯେଉଁ ପୋଲିସ ବାବୁ ସେ ପିଲାଟିକୁ ପଛପଟୁ ଧରିଛନ୍ତି (ଯାହାଆମେ ସୋସିଆଲ ମିଡ଼ିଆରେ ଦେଖୁଛୁ) ଏ ସମସ୍ତେ ତଦନ୍ତ ପରିସରରେ ରହିବେ। ସବୁଠାରୁ ଏକ ବ୍ୟତିକ୍ରମ ଘଟଣା ହେଉଛି ଆଶ୍ଚର୍ଯ୍ୟଜନକ ଭାବେ ନାଁ ମୁଖ୍ୟମନ୍ତ୍ରୀ, ନାଁ ଗୃହସଚିବ, ନାଁ ପୋଲିସ ଡିଜି ଏହାକୁ ମବଲିଚିଂ ବା ଭିଡ଼ ହିଂସା ଭାବେ ବିଚାରକୁ ନେଲେଣି। ଭିଡ଼ ହିଂସାର ସଜ୍ଞା କ'ଣ ? ନୂତନ ବିଏନଏସ ଧାରା ୧୦୩ (୨)ରେ ଏଥିରେ ସେ ସବୁ ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ ପ୍ରଥମେ ପିସିଆର ଭ୍ୟାନର ଦୁଇଜଣ ପୋଲିସ କର୍ମଚାରୀ ଓ ପରବର୍ତ୍ତୀ ସମୟରେ ଜଣେ ଅଫିସରଙ୍କ ସହିତ ତମାମ ଚାରିଜଣ ପୋଲିସଙ୍କ ଉପସ୍ଥିତି ରହିଥିବାରୁ ଏହି ମବଲିଚିଂ ଦଫା ଲାଗିଲେ ଏହା ପୋଲିସ ପାଇଁ ଅଡୁଆ ବଢ଼ାଇବ। ମବଲିଚିଂ ମାମଲାରେ ସର୍ବାଧିକ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି। ସୋସିଆଲ ମିଡ଼ିଆରେ ଯେଉଁ ଭିଡ଼ିଓ ଭାଇରାଲ ହେଉଛି ପୋଲିସ ଉପସ୍ଥିତିରେ ହିଁ ସୌମ୍ୟଙ୍କୁ ବନ୍ଧାଯାଇ ମାଡ଼ ମରାଯିବ ସହ ତାଙ୍କ ପାଟିରେ ବାଉଁଶ ଭର୍ତ୍ତି କରାଯାଉଛି। ଏହି ମାମଲାକୁ କ୍ରାଇମ ବ୍ରାଞ୍ଚ ତଦନ୍ତ କରୁଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଠାରୁ ଫରେନ୍ସିକ ସାଇନ୍ସ ଲାବ୍ରୋଟୋରୀ ରିପୋର୍ଟ ଓ ଭାଇରାଲ ଭିଡ଼ିଓ ସବୁ ଅନୁସନ୍ଧାନ କରାଯାଉଛି। ଏହା ହୁଏତ କୁହାଯାଇପାରେ ଜନସଂଖ୍ୟା ତୁଳନାରେ ପୋଲିସ ବ୍ୟବସ୍ଥା ସଂଖ୍ୟା ଆଶାନୁରୂପ ପୋଷ୍ଟ ସବୁ ପୂରଣ ହୋଇନାହିଁ। ମାଓମୁକ୍ତ ଭାରତ କଥା କେବଳ ଭାଷଣବାଜୀରେ ନରହି ଆତଙ୍କଶୂନ୍ୟ, ନିର୍ଭୟ ପରିବେଶ ଟିକିଏ ସମସ୍ତଙ୍କୁ ଲୋଡ଼ା। ବର୍ତ୍ତମାନର ସମୟକୁ ଦେଖିଲେ ପାଦେ ପାଦେ ବିପଦ ହିଁ ବିପଦ। କିଏ ନିଜ ତେଲ ଲୁଣର ଜଞ୍ଜାଳକୁ ନେଇ ଆଉଟପାଉଟୁ ହେଉଥିବାବେଳେ କେଉଁଠି ପ୍ରଶାସନିକ, ପୋଲିସର ଜୁଲମକୁ ସାମ୍ନା କରୁଥିବ। କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ଖବର ଇଣ୍ଟରନ୍ୟାସନାଲ ଟ୍ରେଣ୍ଡିଂରେ ଚାଲିଲା। ଜଣେ ସକାଳେ ଚାଲିବା ପାଇଁ ଯାଉ ବା ବାହାରକୁ ବଜାର ସଉଦା ପାଇଁ, ବ୍ୟାଙ୍କ କାରବାର ହେଉ ବା ନିଜ ବ୍ୟବସାୟିକ କାର୍ଯ୍ୟକ୍ରମ ପ୍ରାୟ ଅନେକ କ୍ଷେତ୍ରରେ ଅସୁରକ୍ଷିତ ଦେଖାଯାଉଛି ଚାରିଆଡ଼। ପୋଲିସ ବ୍ୟବସ୍ଥା ବ୍ୟବସ୍ଥିତ ହେଉଛି ବିଭିନ୍ନ ଆଧୁନିକୀକରଣ କରାଯାଉଛି କିନ୍ତୁ ଅପରାଧ କମୁନାହିଁ। ଗତ ଦୁଇ ସପ୍ତାହ ଧରି ସମସ୍ତ ଗଣମାଧ୍ୟମ ଏହି ସୋସିଆଲ ମିଡ଼ିଆ ଏହି ଖବର ସବୁ ଯେଉଁପରି ବ୍ୟାପୁଛି ଓଡ଼ିଶାର ଶାନ୍ତ ପରିବେଶ ଉପରେ ଅଶାନ୍ତ ଗ୍ରହ ପରି ଏହି ଅସାମାଜିକ ତତ୍ତ୍ୱ ମାନଙ୍କ କାର୍ଯ୍ୟ ଆଗତ ସ୍ୱପ୍ନ ସମ୍ଭାବନାକୁ ସବୁ ଚୁରମାର କରିଦେବନି ତ ?

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :**
**୯୪୩୭୧୬୩୫୨୮**

# ହାତୀ ନେ, ଘୋଡ଼ା ଦେ, ମୋ ପେଁକାଳୀ ବଜେଇଦେ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହଁ, ଆଜ୍ଞା ଆୱାଜ ଡିବି ଡିବି ନୁହେଁ, ନୀରବ ବଡ଼ ଇଙ୍ଗିତ ରବ ହୀନ ରାଜ ଆୱାଜ। ଯୁଦ୍ଧ ବଜାରରେ ମହରଗ, ବିଦେଶୀ ଦୃଶ୍ୟ, ଯାହା ଏ ଦେଶ ଜନତାଙ୍କ ନିତ୍ୟ ଚଳଣୀୟରେ ଓତପ୍ରୋତ ଜଡ଼ିତ, ବିଶେଷ କରି ଧନାଢ଼୍ୟ ଲୋକେ ଚାହିବି ନା ଅଚଳ। ଭାରତରେ ଗାଡ଼ି କୋଟି ଏକକରେ ଗଣତି ଦ୍ୱିଚକ୍ର, ତ୍ରିଚକ୍ର, ଚତୁଃଚକ୍ର ଯନ୍ତ୍ର ଯାନ, ଏ ତେଲ ବିନା ଚାଲିବା କେବେ ସମ୍ଭବ ନୁହେଁ। ସାଇକେଲ, ସାଇକେଲ ରିକ୍ସା, ଘୋଡାଟଣା ଗାଡ଼ି, ବଦଳ ଟଣାଗାଡ଼ି, ମନୁଷ୍ୟ ଟଣା ଗାଡ଼ି ଏ ସମୟରେ ବିଲୁପ୍ତ। ଏହା ପୂର୍ବ ସବାରୀ ପାଲିକି ତାମଯାନ ଦୋଳା ଯାହା ସମ୍ଭ୍ରାନ୍ତର ଚିହ୍ନ ଘୋଷକ ତାହା ଇତିହାସ ବନିଯାଇଛି। ହାତୀ ପାଇଁ ଗଜପତି, ଘୋଡ଼ା ପାଇଁ ଅଶ୍ୱପତି ରାଜା ଏ ଦେଶରେ ନାମକରା ଥିଲା ତାହା ବି ଏବେ ଇତିହାସ, ପୁରାଣରେ ପାଠ୍ୟ ବିଷୟ। ରାଜାଙ୍କ ରାଜମୁକୁଟରୁ ପରିଚୟ, ଅପେରା ପାର୍ଟିର ରାଜାଭିନୟକାରୀ ଉପରିଧାନରୁ ଜଣା ପଡ଼େ ଏହା ନକଲି ହେଲେ ବି ସତ୍ୟ ରାଜାମାନେ ଅସଲି ମୁକୁଟ ପରିଧାନ କରିବା ସହ ଗମନାଗମନ ପାଇଁ ପୂର୍ବ ବର୍ଣ୍ଣିତ ଯାନର ଗ୍ରସ୍ତ କରୁଥିଲେ। କିନ୍ତୁ ରାଜପଦ ଆମଦେଶରେ ବିଲୁପ୍ତ ହେଲା କରଦ ରାଜ ଅନେକ ସ୍ଥିତିବାନ ଭୂମିଅଧିକାରୀ ଏକ ଏକ ରାଜା ହୋଇଗଲେ, ପୁଣି ଭୋଟ ଦେବା ଅଧିକାରୀ ଯୋଗୁଁ ପାଞ୍ଚ ବର୍ଷରେ ଥରେ ଯେ ରାଜ କରିବେ ସେ ହାତ ଯୋଡ଼ି ଭିକ୍ଷା ପାଇଁ ତାଙ୍କ ଦ୍ୱାରସ୍ଥ ହେଉଛନ୍ତି, ଏପରିସ୍ଥଳେ ଏ ଦେଶରେ ସମସ୍ତ ସ୍ଥାୟୀ ପ୍ରଜା ବି ରାଜା, ଏହାଙ୍କର ରାଜଚିହ୍ନ ରାଜସିକରେ ଯାନ ପ୍ରଥମ ଚିହ୍ନ। ଭାରତର ପ୍ରଥମ କାର ନିର୍ମାତା ବିର୍ଲା କମ୍ପାନୀ, ସେ ବର୍ତ୍ତମାନ ପଶ୍ଚିମବଙ୍ଗର ଏକ କରଦ ରାଜ୍ୟ ଉତ୍ତର ପଡ଼ା ରାଜଙ୍କ ଗାଡ଼ି ସଜଡ଼ା ଗ୍ୟାରେଜରୁ ଭୂମି ନେଇ ହିନ୍ଦୁସ୍ତାନ ମଟର କାରଖାନା କଲେ ଯହିଁରୁ ଲୋକପ୍ରିୟ ଆମ୍ବାସାଡ଼ାର କାର ଅସଂଖ୍ୟ ଭାରତର ଧନୀ ଲୋକ କ୍ରୟ କରି ଚଳାଇଲେ, ଏଇଠୁ ଆରମ୍ଭ ଯାନ କିଣା ଆଉ ଯାନ ପ୍ରସ୍ତୁତି କାରଖାନା, ମାରୁତି କାରଖାନା ଏକ ମଟର ସଜଡ଼ା ଗ୍ୟାରେଜରୁ ହିଁ ଆରମ୍ଭ, ଦେଖ କେତେ ମାରୁତି ଏବେ ରାସ୍ତାରେ ଦୌଡୁଛି ଏହିପରି ହିଁ ଚକ୍ର ଯାନର ଅଜା ସାଇକେଲ ଯେଉଁଥିରେ ତେଲର ଆବଶ୍ୟକତା ନଥିଲା, ପାଦରେ ଚାଲିବା ରଣପାରେ ଯିବାରେ ତେଲ ଆବଶ୍ୟକ ତ ବିଲକୁଲ ନାହିଁ। କିନ୍ତୁ ଯେତେ ଦୂରାନ୍ତ ଯାତ୍ରା, ସୌଖିନ ଯାତ୍ରା ଆବଶ୍ୟକ, ସେତେ ଯନ୍ତ୍ର ଯାନଖୋଜା, ଆଉ ସେ ପାଇଁ ତେଲ ଦରକାର, ତେଲରେ ପେଟ୍ରୋଲ ମୋବିଲିଆଦି ପ୍ରଧାନ। ଆମଦେଶର ଲୋକଙ୍କ ଚାହିଦା ଦୃଷ୍ଟେ ଦେଶ ଭିତରେ ଉତ୍ପାଦନ ସମୁଦ୍ରକୁ ଶଙ୍ଖେ, ଏ ପାଇଁ ଦେଶ ପରାଶ୍ରୟୀ, ଦ୍ରବ୍ୟ ବଦଳରେ ଦ୍ରବ୍ୟ, ବଣିକ ବୁଦ୍ଧିରେ କପଟ ପଶିଲା ପ୍ରତିଦେଶ ପ୍ରଶାସନ ଏପରି କାନ୍ଥନ କଲେ ଯହିଁରେ ଶୋଷଣ ପ୍ରକ୍ରିୟା ଚାହିଦା ସ୍ୱଦେଶ ଉତ୍ପାଦିତ ଉପରେ ଲଗାଇଲେ, ପଥମେ ଏକ ଦେଶକୁ ସାହାଯ୍ୟର ହାତ ବଢ଼ାଇ ରାସ୍ତା ଲମ୍ବାଚଉଡା କରିବା ସହ ଲୋକଙ୍କୁ ଯାନବାହାନକୁ ପ୍ରଲୋଭିତ କରାଇଲେ ଯାନ କାରଖାନା ଖୋଲାଇବା ପାଇଁ କିଛି ପୁଞ୍ଜିପତିଙ୍କୁ ଅର୍ଥ ଯୋଗାଇଲେ ସୁନ୍ଦର ସୁନ୍ଦର ଯାନ ପ୍ରସ୍ତୁତ ହୋଇ ବଜାରକୁ ଆସିବାରୁ ଲୋକେ କିଣିବାକୁ ମାନସ କଲେ। ଶୂନ୍ୟ ସୁଧରେ କିସ୍ତିରେ ଲୋକେ ଗାଡ଼ିର ଅଧିକାରୀ ହୋଇଗଲେ, ବଢ଼ିଲା ବଢ଼ିଲା, କାୟାବିସ୍ତାର ବ୍ୟାପକ ହୋଇଗଲା, ତେଲ ଯୋଗାଣ ନିତ୍ୟ ବଢ଼ି ବଢ଼ି ଚାଲିଲା। ଏଇଠି ତେଲ ପାଇଁ ଯୁଦ୍ଧର ସୂତ୍ରପାତ, ତେଲ ନହେଲେ କୌଣସି ଦେଶରେ ସେନାଙ୍କ ଯୁଦ୍ଧ ସମସ୍ୟା ହେବ ଯେତେ ବଡ଼ ସେନାଥାନ୍ତୁ ପରିବହନ ପାଇଁ ତେଲ ନଥିଲେ ନାଁ ଟ୍ୟାଙ୍କ ଚାଲିବ ନାଁ ଉଡାଜାହାଜ ଚାଲିବ ନାଁ ସମୁଦ୍ରରେ ପାଣି ଯାହାଜ ଚାଲିବ ନାଁ ସେନାଙ୍କ ପରିବହନ ଯାନ ଚାଲିବ, ସେନା ପୋଲିସ ସବୁ ଦେଶର ବଳ, ଏପାଇଁ ତାଙ୍କୁ ଫୋର୍ସ କୁହାଯାଉଛି। ଏବେ ତେଲ ଯୋଗାଣ ସଂସ୍ଥା ଯେକୌଣସି ବଳବାନ ବୋଲାଇବା ଦେଶକୁ ବଳହୀନ କରାଇ ପାରିବା ଶକ୍ତି ଉଦ୍ରେକ ହୋଇଗଲା। ଆମ ଦେଶରେ ଭୋଜନ ପାଇଁ ରୋଷେଇ ଶାଳରେ ରନ୍ଧନ ଗ୍ୟାସ ଘରେ ଘରେ ଏହା ବି ସେହି ପରାଶ୍ରୟୀ, ଗ୍ୟାସ ଏପରି ନିଶା ଲଗାଇଲା ଲୋକଙ୍କ କାଠିକୁଟା କାଠ ଜାଳ ବା କୋଇଲା ଚୁଲି ନାହିଁ। କିରୋସିନ ଜାଳେଣୀ ପାଇଁ ପରାଶ୍ରୟୀ। ଲୋକଙ୍କ ଭୋଜନ କ୍ରିୟାରେ ସମସ୍ୟା ଆସିଲାଣି। ଚାଷକ୍ଷେତ୍ରରେ ଆଉ ସେ ବଳଦ ହଳ ନାହିଁ, ଯେଉଁ ଟ୍ରାକ୍ଟର ପାୱାରଟିଲର ଚାଷ କ୍ଷେତ୍ରରେ ସହାୟକ କଳ ବଳଦ ସେ ଯଉଁ ତେଲ ଆବଶ୍ୟକ କରୁଛନ୍ତି ସେ ଦେଶୀ ଦ୍ରବ୍ୟ ନୁହେଁ ତାହା ପରାଶ୍ରୟ ଦ୍ରବ୍ୟ, ଲେମଜା ଚାଷକ୍ଷେତ୍ରରେ ଚିନ୍ତା ମାଡ଼ି ଆସୁଛି। ଡିଜେଲ ଚଳିତ ରେଳ ଇଂଞ୍ଜିନ ବହୁ ମାଲଗାଡ଼ି ଟାଣିବାରେ ନିତ୍ୟ ଲାଗୁଛି ପରାଶ୍ରୟୀ ତେଲ ଏହାକୁ ବାଧାଦେଲେ ପରିଣାମ ଭୟାବହ ଦିଗକୁ ଯିବ, ଟ୍ରକ ବସ ନଚଳିଲେ କି ଅବସ୍ଥା ଭାବି ହେବହେଉନାହିଁ, କାନ ମୋଡ଼ି ବଶ୍ୟତା ସ୍ୱୀକାର ଦିଗ ଖୋଲିଗଲାଣି। ହାତୀ ନେ ଘୋଡ଼ା ଦେ ମୋ ପେଁକାଳୀ ବଜେଇ ଦେ ସ୍ତରରେ ସମୟ ପହଞ୍ଚି ଗଲାଣି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ :**
**୯୪୩୭୧୦୩୧୨୫୩**

## 'ଭାଙ୍ଗିପଡ଼ିଛି ସ୍ୱାସ୍ଥ୍ୟ ସେବା'

# ସରକାରଙ୍କୁ ଶ୍ରୀରୂପ ଦେବଙ୍କ କଡା ସମାଲୋଚନା



**ଚିକିଟୀ,୨୯।୫ :** ଚିକିଟୀ ବ୍ଲକର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେବ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ତୀବ୍ର ଭାବେ ନିଶାନା କରିଛନ୍ତି। ବ୍ଲକ ଅଧକ୍ଷ ଆପନ୍ନା ସେଠୀ ନିମୋନିଆରେ ଗୁରୁତର ଅସୁସ୍ଥ ହୋଇ ଅମ୍ଳଜାନ ସ୍ତର ଅତ୍ୟନ୍ତ କମ ଥିବା ସତ୍ତ୍ୱେ ବ୍ରହ୍ମପୁର ବଡ଼ ମେଡିକାଲରୁ ତାଙ୍କୁ ଫେରାଇ ଦିଆଯାଇଥିବା ଅଭିଯୋଗ ସେ କରିଥିଲେ। ପରେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିବା କହିଥିଲେ। ଶ୍ରୀରୂପ ଦେବ କହିଥିଲେ ଯେ, ଚିକିଟୀ ମେଡିକାଲରେ ଡାକ୍ତର ଅଭାବ ଚରମ ସୀମାକୁ ପହଞ୍ଚିଛି। ପୂର୍ବରୁ ୬ ଜଣ ଡାକ୍ତର ଥିବା ବେଳେ ବର୍ତ୍ତମାନ କେବଳ ଜଣେ ଡାକ୍ତର ରହିଛନ୍ତି। ନୂଆପଡା, କରବାଲୁଆ ଓ ସୁରଳ ଭଳି ମେଡିକାଲରେ ମଧ୍ୟ ଡାକ୍ତର ନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ କହିଥିଲେ, "ସ୍ୱାସ୍ଥ୍ୟ ସେବାର ଅବହେଳା ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଆଜି ସଙ୍କଟରେ ପଡ଼ିଛି।"

## ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରିବାକୁ

# ବିଜେଡିର ଜୋରଦାର ପ୍ରତିବାଦ

**ଗୋପାଳପୁର,୨୯।୫ :** ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ହାଟ ପୁରୁଣା ତହସିଲ ଛକ ନିକଟ ରୁ ଆଜି ପ୍ରାୟ ପାଞ୍ଚ ସହ ରୁ ଉର୍ଦ୍ଧ ମହିଳା ଏବଂ ବିଜେଡି କର୍ମୀ



ବ୍ଲକ ପରିସରରେ ପହଞ୍ଚି ମହିଳା ସଂରକ୍ଷଣ ବିଲ କୁ ନେଇ ବିଜେପି ସରକାର ଙ୍କ ବିରୁଦ୍ଧରେ ଗର୍ଜିବା ସହ ବ୍ଲକ ଉନ୍ନୟନ ଅଧିକାରୀ ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ଙ୍କ ଉଧେଶ୍ୟ ରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ !ଭାରତର ପାର୍ଲିଆମେଣ୍ଟ ରେ ମହିଳା ସଂରକ୍ଷଣ ବିଲ କୁ ବିଜେଡି ସମର୍ଥନ ଦେଇଥିଲା, ମାତ୍ର ବିଜେପି ସରକାର ତାହା କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ର ନେତା ନବୀନ ପଟନାୟକ ମହିଳା ମାନଙ୍କ ପାଇଁ ୩୩%ସଂରକ୍ଷଣ ରଖିଥିବା ସହ ମହିଳା ମାନଙ୍କ ପାଇଁ ବହୁତ ଗୁଡ଼ାଏ ଯୋଜନା କରିଥିଲେ, ମାତ୍ର ଏ ସରକାର ରେ ମହିଳା ମାନେ ସୁରକ୍ଷିତ ନୁହନ୍ତି ବୋଲି ରାଜ୍ୟ ନେତ୍ରୀ ଇସ୍ମିତା ସାହୁ କହିଥିଲେ। ଆଜିର ଉକ୍ତ ପ୍ରତିବାଦ ସଭାରେ ଜିଲ୍ଲା ପରିଷଦ ଉପ ସଭାନେତ୍ରୀ ରାଜେଶ୍ୱରୀ ଦୋରା, ତପେଇ ଦାଶ, ସୋନାଲି ଗନ୍ତାୟତ, ବ୍ଲକ ବିଜେଡି ସଭାପତି ଅଜିତ ଦାସ, ବ୍ଲକ ଉପାଧ୍ୟାକ୍ଷ, ବୁଲୁ ଗୌଡ଼, ପ୍ରକାଶ ଚନ୍ଦ୍ର କୋଠିଆ ଙ୍କ ସମେତ ପାଞ୍ଚ ସହ ରୁ ଉର୍ଦ୍ଧ କର୍ମୀ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ପେଟ୍ରୋଲ-ଡିଜେଲର ଅହେତୁକ ଦରବୃଦ୍ଧି ବିରୋଧରେ ବିକ୍ଷୋଭ



**କୋଟପାଡ଼,୨୯।୫ :** ଆଜି କୋଟପାଡ଼ ଠାରେ ବିଜେଡି ଦଳ ପକ୍ଷରୁ କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ବ୍ଲକ ଉପାଦକ୍ଷ ତୋପନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରେ ପେଟ୍ରୋଲ ଓ ଡିଜେଲ ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ, ଆଜିର ବିକ୍ଷୋଭ ସମୟରେ କୋଟପାଡ଼ ବିଜେଡିର ସମସ୍ତ ନେତା ଓ କର୍ମୀ ମାନେ ଉପସ୍ଥିତ ରହି ବିକ୍ଷୋଭରେ ପୂର୍ଣ୍ଣ ସହଯୋଗ କରୁଥିବାର ଦେଖିବାକୁ ମିଳିଥିଲା, ଆଜିର ଏହି ପ୍ରତିବାଦ ସମୟରେ କୋଟପାଡ଼ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ,ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ବ୍ଲକ ଉପାଦକ୍ଷ ତପନ ପାଣିଗ୍ରାହୀ,ପାଣି ପଞ୍ଚାୟତ ସଭାପତି ବିରେନ ବିଶୋଇ,ଏମ ଡ଼ି ସଲିମ,ଗୋପାଲ ସିଂ ଲାଲ,ସରପଞ୍ଚ ଦେବ ମାଝୀ,ପୂର୍ଣ୍ଣ ପୂଜାରୀ,ରାଜୁ ବକ୍ସି,ଶିବ ପଟ୍ଟନାୟକ, ଶ୍ରୀମନ୍ତ ପଣ୍ଡା,ଈଶ୍ୱର ମହାନ୍ତି, ତ୍ରିପତି ମହାନ୍ତି, ସୁଶାନ୍ତ ବକ୍ସି ଙ୍କ ସହିତ ସମସ୍ତ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ,ବିଶେଷକରି ଆଜିର ଏହି ପେଟ୍ରୋଲ,ଡିଜେଲ ଅଭାବ ଓ ଦରବୃଦ୍ଧି ପାଇଁ ଏବଂ ଖାଉଟି ଦ୍ରବ୍ୟ ଦରବୃଦ୍ଧି, ଗ୍ୟାସ ସିଲିଣ୍ଡର ଅଭାବ,ୟୁରିଆର ଅଭାବ, ବାରମ୍ବାର ବିଦ୍ୟୁତ କଟ, ସ୍ମାର୍ଟ ମିଟର ରେ ମନମାନି ବିଲ, କୋଟପାଡ଼ ବ୍ଲକରେ ସମସ୍ତ ପଞ୍ଚାୟତରେ ୪ ଦିନ,୫ଦିନ ପର୍ଯ୍ୟନ୍ତ କରେଣ୍ଟ କଟ ପାଇଁ ସ୍ଥାନୀୟ ମା ଭଣ୍ଡାରଘରଣୀ ପ୍ରିଟୋଲ ପମ୍ପ ଠାରେ ସରକାର ବିରୋଧ ସହିତ ଧର୍ମଘଟ ଓ ବିକ୍ଷୋଭ କରଯାଇଥିବାର ଦେଖିବାକୁ ମିଳିଥିଲା, ଆଗାମୀ ଦିନରେ ଯଦି ସରକାର ନ ଶୁଣନ୍ତି ତାହା ହେଲେ ରାଜ ରାସ୍ତା ଓଲେହିବା ସହିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

## ଚାଷୀଙ୍କ ଜମି ଉପରେ ପ୍ରଦୂଷଣର କଳା ଛାୟା

# ନିଗାନିଆ ରାଇସ ମିଲ ବିରୋଧରେ ଅଭିଯୋଗ

■ ନଷ୍ଟ ହେଉଛି ଫସଲ–ପ୍ରତିବାଦ କଲେ ମିଳୁଛି ଧମକ



**ଭବାନୀପାଟଣା, ୨୯।୫ :** ଚାଷୀଙ୍କ ରକ୍ତ ଓ ପରିଶ୍ରମରେ ସବୁଜ ହୁଏ ଜମି। କିନ୍ତୁ ସେହି ଜମିକୁ ଯେତେବେଳେ ଗ୍ରାସ କରେ ପ୍ରଦୂଷଣର କଳା ବାଦଲ, ସେତେବେଳେ ଭାଙ୍ଗିଯାଏ ଜଣେ ଚାଷୀର ସ୍ୱପ୍ନ। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଚିତ୍ର ଏବେ ସାମ୍ନାକୁ ଆସିଛି। ସ୍ଥାନୀୟ ନିଗାନିଆ ରାଇସ ମିଲ ବିରୋଧରେ ଚାଷୀମାନେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ମିଲରୁ ବାହାରୁଥିବା ଦୂଷିତ ପାଣି ଓ କଳା ଧୂଳିକଣା ଯୋଗୁଁ ଚାଷ ଜମି ନଷ୍ଟ ହେଉଥିବା ବେଳେ କପା ସହ ଅନ୍ୟାନ୍ୟ ଫସଲ ଉଜୁଡ଼ି ଯାଉଥିବା ଅଭିଯୋଗ ହୋଇଛି। ସିରୁଲ ଗ୍ରାମର ଚାଷୀ ରୂପାଧର ବାଗଙ୍କ କହିବା ଅନୁଯାୟୀ, ବର୍ଷର ପରିଶ୍ରମ ପରେ ଚାଷ କରାଯାଇଥିବା ଫସଲ ଏବେ ପ୍ରଦୂଷଣରେ ନଷ୍ଟ ହେଉଛି। ମିଲରୁ ବାହାରୁଥିବା କଳା ଧୂଳିକଣା ଚାଷ ଜମି ଉପରେ ପଡ଼ି ଫସଲକୁ କ୍ଷତିଗ୍ରସ୍ତ କରୁଥିବା ବେଳେ ଦୂଷିତ ପାଣି ଚାଷ ଜମିକୁ ଅନୁପଯୋଗୀ କରୁଥିବା ସେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଉଛି, ଏନେଇ ପ୍ରତିବାଦ କିମ୍ବା ଅଭିଯୋଗ କଲେ କ୍ଷତିପୂରଣ ବଦଳରେ ମିଳୁଛି ଧମକ। ଏହି ଘଟଣା ପରେ ଅଞ୍ଚଳରେ ଅସନ୍ତୋଷ ବଢ଼ିଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠିଛି। ଯେଉଁ ରାଇସ ମିଲ ବିରୋଧରେ ପ୍ରଦୂଷଣର ଏତେ ଅଭିଯୋଗ ଆସୁଛି, ସେହି ମିଲକୁ ପୋଲ୍ୟୁସନ କ୍ଲିୟାରେନ୍ସ କେମିତି ମିଳିଲା ? ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କାହିଁକି ନିରବ ? ଚାଷୀଙ୍କ ଅଭିଯୋଗ ପରେ ମଧ୍ୟ କାହିଁକି ହେଉନି ଦୃଢ଼ କାର୍ଯ୍ୟାନୁଷ୍ଠାନ ? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା କେବଳ ଜଣେ କିମ୍ବା ଦୁଇଜଣ ଚାଷୀଙ୍କ ସମସ୍ୟା ନୁହେଁ। ଅଞ୍ଚଳର ଅନେକ ଚାଷୀ ଆଜି ପ୍ରଦୂଷଣର ଶିକାର ହୋଇଥିବା ବେଳେ ମିଲ ମାଲିକଙ୍କ ମନମାନି ଦିନକୁ ଦିନ ବଢ଼ୁଥିବା ଅଭିଯୋଗ ମଧ୍ୟ ହେଉଛି। ଏବେ ସମସ୍ତଙ୍କ ନଜର ପ୍ରଶାସନ ଉପରେ ରହିଛି। ଚାଷୀଙ୍କ ଅଭିଯୋଗର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ, ତାହାକୁ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ସିଏମ୍ କପ୍ ୨୦୨୬ ଅନ୍ତଃ ଜିଲ୍ଲା ଆଞ୍ଚଳିକ ଫୁଟବଲ ଓ କବାଡି ସାମ୍ବାଦିକ ସମିଳନୀ



**ବ୍ରହ୍ମପୁର,୨୯।୫ :** ଆସନ୍ତା ମାସ ଜୁନ ୧ ତାରିଖ ଠାରୁ ଆୟୋଜିତ ହେବାକୁ ଥିବା ଗଞ୍ଜାମ ଜିଲ୍ଲା କବାଡି ଏବଂ ଫୁଟବଲ। ଆଜି ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ଏକ ସାମ୍ବାଦିକ ସମିଳନୀ ଆୟୋଜନ ହୋଇଥିଲା। ଆଗାମୀ ଦିନ ରେ ହେବାକୁ ଥିବା ଅନ୍ତଃ ୧୪ ବର୍ଷୀୟ ଫୁଟବଲ ବାଳକ ଓ ବାଳିକା ଏବଂ ଅନ୍ତଃ ୧୬ ବର୍ଷୀୟ କବାଡି ବାଳକ ଓ ବାଳିକା ଆୟୋଜିତ ହେବାକୁ ଯାଉଅଛି। ଏଥିରେ ୮ ଗୋଟି ଜିଲ୍ଲା ରୁ ଉଭୟ ବାଳକ ଓ ବାଳିକା ଖେଳାଳି ଯୋଗଦେବେ ର କାର୍ଯ୍ୟକ୍ରମ ରହିଅଛି। ଏଥି ସହ ମ୍ୟାଚ ପରିଚାଳନା ପାଇଁ ମ୍ୟାଚ ପରିଚାଳକ ଉପସ୍ଥିତ ରହିବେ। ପ୍ରଥମ ଥର ପାଇଁ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଇଣ୍ଡୋର ହଲ, ବ୍ରହ୍ମପୁର ଠାରେ ସିଂଥେଟିକ ମ୍ୟାଟରେ ଆସନ୍ତା ମାସ ଜୁନ ୫ ତାରିଖ ଠାରୁ ୭ ମଧ୍ୟରେ କବାଡି ଖେଳ ଅନୁଷ୍ଠିତ ହେବ। ଦ୍ୱିତୀୟ ସଂସ୍କରଣ ଫୁଟବଲ ଚମ୍ପିୟନସିପ ଜୁନ ୧ ଠାରୁ ୭ ତାରିଖ ମଧ୍ୟରେ ରେ ଆୟୋଜିତ ହେବ। ଆଜି ଏହି ଅବସର ରେ ଏକ ସାମ୍ବାଦିକ ସମିଳନୀ ଗଞ୍ଜାମ ଜିଲ୍ଲା କ୍ରୀଡା ସମ୍ପାଦକ ଜେ. କାମେଶ୍ୱର ରାଓ ଙ୍କ ଅଧ୍ୟକ୍ଷତା ରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ସଙ୍ଘ ଉପ ସଭାପତି ଶ୍ରୀ ତାରିଣୀ ସାମନ୍ତରାୟ, ଉପ ସଭାପତି ଶ୍ରୀ କେଦାରନାଥ ଚୌଧୁରୀ, ଉପ ସଭାପତି ଶ୍ରୀ ବିଜୟ କୁମାର ପଟନାୟକ, ଯୁଗ୍ମ ସମ୍ପାଦକ ଶ୍ରୀ ଡ଼ି. ଆପା ରାଓ, ଫୁଟବଲ ସମ୍ପାଦକ ଶ୍ରୀ ଜି. ଏମ. ବାବୁ, କବାଡି ସମ୍ପାଦକ ଶ୍ରୀ ସୀତାରାମ ଦ୍ୱିବ୍ରତ, ଆଜୀବନ ସଭ୍ୟ ଶ୍ରୀ ଦୁର୍ଗା ପଟନାୟକ, ଶ୍ରୀ ପ୍ରମୋଦ ମହାରଣା, ବିଶ୍ୱନାଥ ପାତ୍ର, ଭିନସେଣ୍ଟ ଦାସ, ମାନସ ପଣ୍ଡା, ଜି. ଭି. ଜି ରବି କୁମାର। ଏହି ଟୁର୍ନାମେଣ୍ଟ କୁ ପରିଚାଳନା କରିଛନ୍ତି ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ଏବଂ ସ୍ପୋର୍ଟ୍ସ ଏଣ୍ଡ ୟୁଥ ସ୍ୱେର୍ଭିସି ବିଭାଗ ଓଡିଶା ସରକାର, ଫୁଟବଲ ଆଶସୋସିଏସନ ଓଡିଶା ଏବଂ କବାଡି ଆଶସ୍ୱୋସିଏସନ ଓଡିଶା।

# ନୂତନ ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

## କଳାକାର ସଂଘ ପକ୍ଷରୁ ବିପୁଳ ସ୍ୱାଗତ

**ବଣାଇଁ,୨୯।୫ :** ବଣାଇଁ ବନଖଣ୍ଡର ନୂତନ ଅଧିକାରୀ ଭାବେ ଯଶୋବନ୍ତ ସେଠୀ ଆଜି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ସର୍ବ ପ୍ରଥମେ ସେ ବଣାଇ ର ଆରାଧ୍ୟ ଦେବତା ବାବା ବାଣେଶ୍ୱର ମନ୍ଦିର କୁ ଯାଇ ବାବାଙ୍କ ଦର୍ଶନ କରିବା ସହ ତାଙ୍କ କୃପା ଲାଭ କରିଥିଲେ। ମନ୍ଦିର ପରିସରରେ ବାଣେଶ୍ୱର କଳାକାର ସଂଘ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯିବା ପରେ ମୃଦଙ୍ଗ,ଝାଞ୍ଜର ତାଳେତାଳେ ଏକ ଭବ୍ୟ ଶୋଭାଯାତ୍ରାରେ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ସେଠାରେ ବାବାଙ୍କ ଦର୍ଶନ ଲାଭ କରି କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କର୍ମଚାରୀ ମାନଙ୍କ ତରଫରୁ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅତ୍ୟନ୍ତ ଆତ୍ମୀୟତାର ସହିତ ସ୍ୱାଗତ ଜଣାଇଥିଲେ। ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କ ସହ ଅନ୍ୟାନ୍ୟ ସମସ୍ତ ରେଞ୍ଜ ଅଧିକାରୀ ,ବନପାଳ ବନରକ୍ଷୀ ,କାର୍ଯ୍ୟାଳୟର କର୍ମକର୍ତ୍ତା ଓ ପଶୁପ୍ରେମୀ ବିପିନ ପ୍ରଧାନ ଉପସ୍ଥିତ ରହିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ ଯଶୋବନ୍ତ ସେଠୀ ତାଙ୍କ ଉଦବୋଧନ ରେ କହିଥିଲେ ଯେ, ବଣାଇଁ ବନଖଣ୍ଡର ସମଗ୍ର ଉନ୍ନତି ପାଇଁ ସେ ସଦା ସଚେତନ ଓ ପ୍ରତିବଦ୍ଧ ରହିବେ। ସମଗ୍ର ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ପାଇଁ ନିଆ ଯାଉଥିବା ପଦକ୍ଷେପ, ବନ୍ୟପ୍ରାଣୀ ସଂରକ୍ଷଣ, ନୂତନ ବନୀକରଣ, ଏବଂ ସ୍ଥାୟୀ ପରିବେଶ ପରିଚାଳନା କୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଯୋଜନା ଲୋକମାନଙ୍କ ପାଖକୁ ସଠିକ ଭାବେ ପହଞ୍ଚାଇବା ଓ ବନଖଣ୍ଡ କୁ ଅଧିକ ସୁଦୃଢ଼ କରିବା ପାଇଁ ସେ ପ୍ରୟାସରତ ରହିବେ ବୋଲି କହିଛନ୍ତି। ଖୁବ୍ ଶୀଘ୍ର ରୁକୁଡା ଡ୍ୟାମ ର ଉନ୍ନତି କରଣ କରି ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଭାବେ ଗଠନ କରି ସ୍ଥାନୀୟ ଅଞ୍ଚଳର ବିକାଶ ଅଭିବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ମହଲରେ ନୂତନ ବନଖଣ୍ଡ ଅଧିକାରୀ ଙ୍କ ଯୋଗଦାନକୁ ନେଇ ଆନନ୍ଦ ଓ ଆଶାର ପରିବେଶ ସୃଷ୍ଟି ହୋଇଛି।

## ଘୂର୍ଣ୍ଣି ଝଡରେ ତିନି ଦିନ ହେଲା ବିଦ୍ୟୁତ ନାହିଁ

# ପାନୀୟ ଜଳ ସଙ୍କଟ ନେଇ ପହଁଚିଲା ପାଣି ଟାଙ୍କି



**ବଣାଇ,୨୯।୫ :** ସୁନ୍ଦରଗଡ ଜିଲ୍ଲା ବଣାଇ ରେ ଗତ ୨୭ ତାରିଖ ଦିନ ହଟାତ ୧୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ୧୦ କିଲୋମିଟର ବ୍ୟାସାର୍ଦ୍ଧରେ ଘୁର୍ଣ୍ଣିଝଡ଼ ଆସିଲା ପ୍ରବଳ ପବନ ସହ ବର୍ଷା ହେଲା ଯାହାଫଳରେ ବଣାଇ ଅଞ୍ଚଳକୁ ଛାରଖାର କରିଦେଲା। ୫୦୦ ରୁ ଉର୍ଦ୍ଧ୍ୱ ଗଛ ୨୦୦ ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୧୦୦ ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ପଡିଗଲା ଯାହା ଫଳରେ ନାଇନଥିବା ହଇରାଣ ହେଉଥିବା ବେଳେ ତିନି ଦିନ ହେଲା ବିଦ୍ୟୁତ ନଥିବାରୁ ପାଣି ପାଇଁ ସଙ୍କଟ ଦେଖିବାକୁ ମିଳିଛି ଏନେଇ ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଆଜି ପଞ୍ଚାୟତ ପକ୍ଷରୁ ପାଞ୍ଚଟି ପାଣି ଟାଙ୍କି ବିଭିନ୍ନ ସ୍ଥାନକୁ ପଠା ଯାଇଥିବା ବେଳେ ଜେନେରେଟର ଦ୍ୱାରା ଏବେ ପାଣି ଲାଇନ ଦେଇ ପଠାଇବା ବ୍ୟବସ୍ଥା କରାଯାଇଛି। ପାଣି ପାଇ ଅଞ୍ଚଳ ବାସୀ ବହୁତ ଖୁସି ଥିବା ବେଳେ ବଣାଇ ଅଞ୍ଚଳରେ ପ୍ରବଳ ଗଛ ପଡ଼ିଥିବା ନେଇ ଦେବଗଡ଼ ଜିଲ୍ଲା, ଅନୁଗୁଳ ଜିଲ୍ଲା, ରାଉରକେଲା ଓ ଗୁରୁଣ୍ଡିଆ ରୁ ଅଗ୍ନିଶମ ବିଭାଗ ପହଁଛି ଗଛ କାଟୁଛନ୍ତି। ଆଜି ସନ୍ଧ୍ୟାରେ ବିଦ୍ୟୁତ ଆସିବ ବୋଲି ଆଶା ରଖାଯାଇଛି। ଅଞ୍ଚଳ ବାସୀ ଏମିତି କେବେ ଘୁର୍ଣ୍ଣିଝଡ ଜୀବନରେ ଦେଖିନଥିଲେ ବୋଲି ଚର୍ଚ୍ଚା ଚାଲିଥିବା ବେଳେ କ୍ଷତିଗ୍ରସ୍ତ କାରିଙ୍କ ପାଇଁ ଆଜି ଫୋନ ନମ୍ବର ଜାରି କରିଛନ୍ତି। କାହାର କିଛି କ୍ଷତି ହୋଇ ଥିଲେ ସେମାନେ ଉପଜିଲ୍ଲାପାଳ ଙ୍କୁ ସାକ୍ଷାତ କିମ୍ବା ଫୋନ ହେଲ୍ପ ଡେସ୍କ ରେ ହେଲ୍ପ ଡେକ୍ସ ନଂ. ୭୬୮୨୦୭୦୦୯୩ କିମ୍ବା ନଂ.୭୦୦୮୯୬୮୫୫୧ ନମ୍ବରରେ ଯୋଗାଯୋଗ କରିବା ପାଇଁ ଜାରି କରିଛନ୍ତି।

# ଉଜ୍ଜ୍ୱଳା ଗ୍ୟାସ ବିତରଣର ଅନିୟମିତତା !

■ ଉଜ୍ଜ୍ୱଳା ଗ୍ୟାସର କଳାବଜାରୀ ହେଉଥିବା ଥାନାରେ ଅଭିଯୋଗ

■ ହିତାଧିକାରୀ ମାନଙ୍କୁ ଗ୍ୟାସ ବିତରକଙ୍କ ଦୁର୍ବ୍ୟବହାର



**ବାସୁଦେବପୁର,୨୯।୫ :** ପ୍ରତ୍ୟେକ ରାସନ୍ କାର୍ଡ ଧାରୀଙ୍କୁ ମାଗଣାରେ ଉଜ୍ଜ୍ୱଳା ଗ୍ୟାସ ଯୋଗାଇଦେବାକୁ ଭାରତ ସରକାର ଙ୍କ ପକ୍ଷରୁ ଯୋଜନା କରାଯାଇଛି। ହେଲେ ଇଣ୍ଡିଆନ ଗ୍ୟାସ ବିତରଣ ସଂସ୍ଥା ପକ୍ଷରୁ ଘର ଘର ବୁଲି ମହିଳାମାନଙ୍କୁ ଉଜ୍ଜ୍ୱଳା ଗ୍ୟାସ କାର୍ଡ କରିଦେବା ପାଇଁ ୩୦୦ ଟଙ୍କା ଲେଖାଏଁ ନେଉଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଉଜ୍ଜ୍ୱଳା ଗ୍ୟାସ କାର୍ଡ କରି ବ୍ଲାକରେ ଗ୍ୟାସ ବିକ୍ରି କରୁଥିବା ହିତାଧିକାରୀ ମାନେ କସିଆ ସାମୁଦ୍ରିକ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଏମିତି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇପୁର କଣ୍ଟିଆନାଳି ଇଣ୍ଡିଆନ ଗ୍ୟାସ ବିତରଣ କେନ୍ଦ୍ରରେ। ସୂଚନା ଅନୁଯାୟୀ ମେ ୨୭ ତାରିଖ ରେ ବିଦେଇପୁର କଣ୍ଟିଆନାଳି ଗ୍ୟାସ ବିତରଣ ସଂସ୍ଥା ପକ୍ଷରୁ ହିତାଧିକାରୀ ମାନଙ୍କୁ କାର୍ଡ ସହିତ ଗ୍ୟାସ ସିଲିଣ୍ଡର ଏବଂ ଚୁଲା ଦେବାକୁ ଡାକିଥିଲେ । ହିତାଧିକାରୀ ମାନେ ଧାମରା, ବାଲିମୁଣ୍ଡା ଅଞ୍ଚଳ ରୁ ଗ୍ୟାସ ବିତରଣ ଅଫିସରେ ପହଞ୍ଚିଥିଲେ। ଅଫିସ ପକ୍ଷରୁ ହିତାଧିକାରୀ ମାନଙ୍କ ଠାରୁ ୨୫୦୦ ଟଙ୍କା ନେଇ ଗ୍ୟାସ ସିଲିଣ୍ଡର, ଚୁଲା ଏବଂ କାର୍ଡ ଦେବାକୁ କହିଥିଲେ। ଏଥିରେ ହିତାଧିକାରୀ ମାନେ ଉଜ୍ଜ୍ୱଳା ଗ୍ୟାସ ସରକାରଙ୍କ ପକ୍ଷରୁ ମାଗଣାରେ ଯୋଗାଇ ଦେଉଛନ୍ତି। ତୁମକୁ କାହିଁକି ୨୫୦୦ ଟଙ୍କା ଦେବୁ କହିବା ସହିତ ଯୁକ୍ତି ତର୍କ କରିଥିଲେ। ଘଟଣା ଅଣାୟତ୍ତ ହେବାରୁ ଫୋନ ପାଇ କସିଆ ସାମୁଦ୍ରିକ ଥାନା ଅଧିକାରିଣୀ ସୁଜାତା ଖମାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ ବିତରଣ କର୍ମଚାରୀ ଙ୍କୁ ଥାନାକୁ ନେଇ ଆସ୍ୱା ସହିତ ହିତାଧିକାରୀ ମାନଙ୍କ ଲିଖିତ ଅଭିଯୋଗ କ୍ରମେ ସମାଧାନ କରିଥିଲେ। ବିଜେପୁର ସ୍ଥିତ ଇଣ୍ଡିଆନ ଗ୍ୟାସ ବିତରଣ କର୍ମଚାରୀ ମାନେ ସରକାରଙ୍କ ନିୟମ କୁ ସିଧା ସଳଖ ଉଲଙ୍ଘନ କରୁଛନ୍ତି। ସାଧାରଣ ଲୋକଙ୍କ ଠାରୁ ଟଙ୍କା ନେଇ ଅସାଧୁ ଉପାୟ ରେ ଉଜ୍ଜ୍ୱଳା ଗ୍ୟାସ କାର୍ଡ କରି ଗ୍ୟାସ ସିଲିଣ୍ଡର ଏବଂ ଚୁଲା ଅଧିକ ଦାମରେ ବିକ୍ରି କରୁଛନ୍ତି। ହିତାଧିକାରୀଙ୍କ ସୂଚନା ମୁତାବକ ସେମାନଙ୍କ କାର୍ଡ ରେ ଗ୍ୟାସ ବୁକିଂ କରି ବିକ୍ରୀ କରୁଛନ୍ତି। ଯାହା ହିତାଧିକାରୀ ଙ୍କ ବ୍ୟାଙ୍କ ଖାତାକୁ ସବସିଡି ଟଙ୍କା ଆସିଛି। ଯେଉଁ ହିତାଧିକାରୀମାନଙ୍କ ର ରାସନ୍ କାର୍ଡ ନାହିଁ ସେମାନଙ୍କ ର ଉଜ୍ଜ୍ୱଳା ଗ୍ୟାସ କାର୍ଡ କେମିତି ହେଲା ? ଏହାର ସଠିକ୍ ଭାବେ ତଦନ୍ତ କରାଯାଇ ଉଜ୍ଜ୍ୱଳା ଗ୍ୟାସ ନାମରେ ହେଉଥିବା କଳାବଜାରୀ ରୋକିବା ସହିତ ଏଥିରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ମାନଙ୍କ ନାମରେ ପ୍ରଦ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ସୁନ୍ଦରଗଡ଼ ଜିଲ୍ଲାରେ ଆରମ୍ଭ ହେଲା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

# ସମସ୍ତ ଜନସାଧାରଣ ସହଯୋଗ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ବଣାଇ,୨୯।୫ :** ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଠିକ୍ ଏବଂ ତ୍ରୁଟିଶୂନ୍ୟ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମଗ୍ର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ (BLO) ଏବଂ BLO ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇସାରିଛି। ସେହିଭଳି ପରିଗଣନା ଫର୍ମ ବା Enumeration Form ଛପା ହୋଇ ବିଭିନ୍ନ ବ୍ଲକ ପଏଣ୍ଟରେ ଉପଲବ୍ଧ କରାଯାଇଛି। ଆସନ୍ତା ୩୦ ମଇ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବି ଏଲ ଓ ଘରେ ଘରେ ପହଞ୍ଚି ଭୋଟରମାନଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ ଏବଂ ଫର୍ମ ପୂରଣ କରିବାରେ ସହଯୋଗ କରିବେ। ପୂରଣ ହୋଇଥିବା ଫର୍ମ ସଂଗ୍ରହ ପରେ ସେମାନେ ଭୋଟରମାନଙ୍କୁ acknowledgement ପ୍ରଦାନ କରିବେ। ସେ କହିଥିଲେ ଯେ, ୫ ଜୁଲାଇ ୨୦୨୬ ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ଏହି ଦାବି ଓ ଆପତ୍ତି ଉପରେ ୫ ଜୁଲାଇରୁ ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଶୁଣାଣି ଓ ନିଷ୍ପତ୍ତି ଗ୍ରହଣ କରାଯିବ। ପରେ ୬ ସେପ୍ଟେମ୍ବର ୨୦୨୬ ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ। ଚୂଡାନ୍ତ ତାଲିକା ପ୍ରକାଶ ପରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ସେମାନେ RP Act 1950 e Section 24(A) ଅନୁସାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିପାରିବେ। ଏହାପରେ ମଧ୍ୟ ଯଦି ଅଭିଯୋଗ ରହିଥାଏ, ତେବେ Section 24(B) ଅନୁସାରେ ୩୦ ଦିନ ମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଏହି ପ୍ରକ୍ରିୟା ସମ୍ପର୍କରେ ଅଧିକ ସୂଚନା ପାଇଁ toll free number 1950 କୁ ଯୋଗାଯୋଗ କରିବା ସହ voters.eci.gov.in ୱେବସାଇଟ୍ ଏବଂ ECINET ଆପ୍ ବ୍ୟବହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ, ମହିଳା ଏବଂ ସଚେତନ ଯୁବବର୍ଗଙ୍କୁ BLOମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପରିବାରର କୌଣସି ବି ଯୋଗ୍ୟ ସଦସ୍ୟ, ବିଶେଷକରି ୧୮ ବର୍ଷ ବୟସ ପୂରଣ କରିବାକୁ ଯାଉଥିବା ନୂତନ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ସମ୍ମିଳିତ କରିବାକୁ ସେ ସମସ୍ତଙ୍କୁ ସଚେତନ ରହିବାକୁ କହିଥିଲେ। ସେହିପରି ସମସ୍ତ ରାଜନୈତିକ ଦଳମାନଙ୍କୁ ନିଜ ନିଜ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି।



# ଚେକ୍‌ଡ୍ୟାମ କାମ ନିମ୍ନମାନର

**ବଲାଙ୍ଗୀର,୨୯।୫ :** ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଠାରୁ ନିଆପାଲି ଗ୍ରାମ ପଞ୍ଚାୟତ ଅମରାମୁଣ୍ଡା ଗ୍ରାମ ନିକଟସ୍ଥ କୁଲାରି ନାଳାରେ ନୂତନ ଭାବେ ନିର୍ମିତ ଚେକ୍‌ଡ୍ୟାମ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ସୂଚନା ଫଳକ ନଥିବାରୁ କେଉଁ ଅନୁଦାନର କାମ ? କେତେ ଟଙ୍କାର କାମ ? ଅଟକଳ ପରିମାଣ କେତେକେ ଫଣ୍ଡରୁ ଆସିଛି ? ଠିକାଦାର କିଏ ? ସମୟ ସୀମା କେବେ ଠାରୁ ଆରମ୍ଭ ହୋଇ କେବେ ସରିବ ? କୌଣସି ସୂଚନା ଦିଆଯାଇ ନାହିଁ । ତେଣୁ ଚାଷୀ, ଜନସାଧାରଣ କୌଣସି ତଥ୍ୟ ଜାଣିପାରୁନଥିବା ଅଭିଯୋଗ ହୋଇଛି । ଉକ୍ତ ନାଳରେ କ୍ଷୀପ୍ର ଗତିରେ ବନ୍ୟା ଜଳ, ବର୍ଷା ଜଳ ପ୍ରବାହିତ ହୋଇଥାଏ ତେଣୁ



ଏହାକୁ ଅଟକାଇବା ପାଇଁ ଚେକ୍‌ଡ୍ୟାମ ନିର୍ମାଣ ଚାଲିଛି । ଅଞ୍ଚଳରେ ଭରସୂଜା ଓ ଅମରାମୁଣ୍ଡାର ଶତାଧିକ ଚାଷୀ ଉପକୃତ ହେବେ ବୋଲି ସୂଚନା ମିଳିଛି । ତେଣୁ ଏହି କାମକୁ ଠିକ୍ ଭାବେ ନ କଲେ ଆଗାମୀ ବର୍ଷା ଦିନରେ ଭୁଶୁଡ଼ି ଯିବାର ସମ୍ଭାବନା ଅଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି । ଅଧିକ ପରିମାଣ ବାଲି ଯଥା ୧୦/୧୨ ଟି ବାଲି, ରେଗେଟି ଦିଆଯିବା ସହ ୮ ଏମ୍‌ଏମ୍ ଛଡ, ଜେ କେ କମ୍ପାନୀର ଲୋକାଲ୍ ସିମେଣ୍ଟ ଦିଆଯାଉଛି, ତେଣୁ ଅତି ହାଲୁକା କାମ ଯୋଗୁଁ ଅଳ୍ପ ଦିନରେ ଭୁଶୁଡ଼ି ପଡ଼ିବା ସମ୍ଭାବନା ଅଛି ବୋଲି ଚାଷୀ ମହଲରେ ଆଶଙ୍କା ଦେଖାଦେଉଛି । ଏହା ବ୍ୟତୀତ ଏହି କାର୍ଯ୍ୟକୁ କୌଣସି ଯନ୍ତ୍ରୀ, ଠିକାଦାର କିମ୍ବା ଉଚ୍ଚସ୍ତରୀୟ ଅଧିକାରୀ ଆସୁନଥିବାରୁ ଶ୍ରମିକ ଭରସାରେ କାମ ଚାଲିଛି ବୋଲି ଅଭିଯୋଗ ହୋଇଛି । ଏହି ଅଞ୍ଚଳର ଚାଷୀମାନେ ଅଭିଯୋଗ କରିବାକୁ ଗଲେ ସେଠାରେ ଠିକାଦାର ବିଭାଗୀୟ, ଯନ୍ତ୍ରୀ କାହାକୁ ନପାଇ ଶ୍ରମିକମାନଙ୍କୁ କହୁଥିବା ସୂଚନା ଦେଇଛନ୍ତି । ତେଣୁ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଠିକ୍ ଭାବେ କରିବାକୁ ଅଞ୍ଚଳର ବିକ୍ରମ ବାଗ, ଧିରେନ୍ ପଧାନ, ଗୋପାଳ ପଟେଲ, ସମାରୁ ଭୁଏ, ସିଜନ୍ ସାହୁ, ପବିତ୍ର ପୁଟେଲ, ଅଶୋକ ପାତ୍ର, ବେଣୁଧର ପଧାନ, କଷ୍ଟ ସାହୁ ପ୍ରମୁଖ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି ।

# ହିତାଧିକାରୀଙ୍କ ଆକାଉଣ୍ଟରେ ପଡୁନି ଭତ୍ତା ଟଙ୍କା

## ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି

**କଳାହାଣ୍ଡି,୨୯।୫ :** ବିଭିନ୍ନ ଯୋଜନା ମଧ୍ୟରେ ସରକାରଙ୍କ ଏକ ଯୋଜନା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ । ଯାହା ନିରାଶା ମନରେ ଆଶାର ସଞ୍ଚାର ଭରିଦେଇ ଖୁସିରେ ମଧ୍ୟ ଭରପୁର କରି ରଖେ । ବୃଦ୍ଧ, ବୃଦ୍ଧା, ବିଧବା, ଏବଂ ଭିନ୍ନକ୍ଷମ ଭଳି ଅନେକ ହିତାଧିକାରୀଙ୍କୁ ଧୀରେ ଧୀରେ ସରକାରଙ୍କ ପକ୍ଷରୁ ତାକୁ ସରଳୀକରଣ କରାଯାଇ ହିତାଧିକାରୀଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯାଉଛି ଓ ଯାହା କଲମପୁର ବ୍ଲକ ଅଧୀନରେ ଥିବା ୧୧ ଟି ଗ୍ରାମପଞ୍ଚାୟତର ୫୬ ଟି ରାଜସ୍ୱ ଗ୍ରାମର ଏଇ ସେଣ୍ଟ୍ରାଲ ଯୋଜନାରେ ଯୋଡ଼ିହୋଇଥିବା ମୋଟ ୩୦୬୩ ଜଣ ହିତାଧିକାରୀଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମିଳୁଛି ଭତ୍ତା ଟଙ୍କା । ଅନ୍ୟପକ୍ଷରେ ମଧୁବାବୁ ପନସନ



୫୬୦୭ ଜଣ ହିତାଧିକାରୀଙ୍କୁ ହାତାହାତି ଅର୍ଥ ପ୍ରଦାନ କରାଯାଉଛି ଓ ତେବେ ଗତ ୨ ମାସ ହେବ ଆକାଉଣ୍ଟରେ ପଡୁନାହିଁ ଏହି ବାର୍ଦ୍ଧକ୍ୟ ବିଧବା ଏବଂ ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା । ଫଳରେ ନିଜ ଦୈନନ୍ଦିନ ଖର୍ଚ୍ଚ, ଔଷଧ ଭଳି ଯାବତୀୟ ଖର୍ଚ୍ଚକୁ ନେଇ ବର୍ତମାନ ଅସୁବିଧାରେ ପଡୁଛନ୍ତି ହିତାଧିକାରୀ । ଏଥି ସହ ବ୍ୟାଙ୍କକୁ ଯାଇ ନିଜ ଆକାଉଣ୍ଟରୁ ଟଙ୍କା ଆଣିବା ଅନେକଙ୍କ ପାଇଁ ଅସୁବିଧା ହେଉଥିବାବେଳେ ସେମାନଙ୍କୁ ହାତାହାତି ଦେବା ପାଇଁ ଦାବି କରୁଥିବା ଜଣାଯାଇଛି । ଏ ସଂକ୍ରାନ୍ତରେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀଙ୍କୁ ପଚାରିବାରୁ ଯେଉଁମାନେ ବ୍ୟାଙ୍କ୍‌କୁ ଯାଇ ପାରୁ ନାହାନ୍ତି ଲିଖିତ ଭାବେ ଜଣେଇଲେ ତାଙ୍କ ପାଇଁ ଆମେ ଗ୍ରାମପଞ୍ଚାୟତ ସ୍ତରରେ ପିଇଓ ସହିତ ଆଲୋଚନା କରି ତାଙ୍କ ପରିବାର ବର୍ଗଙ୍କୁ ଭତ୍ତା ପ୍ରଦାନ କରିବୁ ଏବଂ ଆକାଉଣ୍ଟରେ ମଧ୍ଯ ଚଳିତ ମାସ ସୁଦ୍ଧା ପାଇନଥିବା ଅର୍ଥ ସହିତ ପଡ଼ିଯିବ ବୋଲି ପ୍ରକାଶ କରିଛନ୍ତି ।

## ବଙ୍ଗୋମୁଣ୍ଡା ତହସିଲଦାରଙ୍କ ମନମୁଖି କାର୍ଯ୍ୟ

# ତହସିଲ ଅଫିସ ଘେରିଲା ଓଜେସି




**ବଲାଙ୍ଗୀର,୨୯।୫ :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲଦାରଙ୍କ ମନମୁଖୀ କାର୍ଯ୍ୟଶୈଳୀ ଏବଂ ତହସିଲ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗକୁ ନେଇ ଶୁକ୍ରବାର ଦିନ ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ପ୍ରତିବାଦ କରାଯାଇଛି । ଓଡ଼ିଶା ଜନତା କଂଗ୍ରେସ(ଓଜେସି)ପାର୍ଟି ବଲାଙ୍ଗିର ଜିଲ୍ଲା ପକ୍ଷରୁ ଆୟୋଜିତ ଏହି ଆନ୍ଦୋଳନରେ ଦଳୀୟ କର୍ମୀ ଏବଂ ସ୍ଥାନୀୟ ଲୋକମାନେ ବହୁ ସଂଖ୍ୟାରେ ଯୋଗଦେଇ ତହସିଲ ଅଫିସ ଘେରାଉ କରିଥିଲେ । ପ୍ରତିବାଦକାରୀମାନେ ତହସିଲ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ ସମସ୍ୟାକୁ ଅବହେଳା କରାଯାଉଥିବା ସହ ଅଧିକାରୀମାନଙ୍କ ଲୋକଙ୍କ ପ୍ରତି ବ୍ୟବହାର ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ ଆନ୍ଦୋଳନ ସମୟରେ ଓଡ଼ିଶା ଜନତା କଂଗ୍ରେସର ବଲାଙ୍ଗିର ଜିଲ୍ଲା ସଂଯୋଜକ ରୂପେଶ ବେହେରା କହିଥିଲେ ଯେ, ଲୋକଙ୍କ ଜମିଜମା ଓ ପ୍ରଶାସନିକ କାମ ସମୟରେ ସମାଧାନ ହେଉନାହିଁ ଏବଂ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତାଙ୍କ ସହ ଅସଦ୍ ବ୍ୟବହାର କରାଯାଉଛି । ଏହାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ସେ ସତର୍କ କରିଥିଲେ । ପ୍ରତିବାଦକାରୀମାନେ ନିଜ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଶାସନଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି ।

# ଭତ୍ତା ପାଇଁ ବ୍ଲକ ଅଫିସ ସମ୍ମୁଖରେ ଧାରଣା



**ବଲାଙ୍ଗୀର,୨୯।୫ :** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଅନେକ ପଞ୍ଚାୟତର ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀ ବ୍ୟାଙ୍କ ଏକାଉଣ୍ଟ୍ ଯୋଗେ ପାଉଥିବା ହିତାଧିକାରୀମାନେ ଦୀର୍ଘ ୩ ମାସ ହେଲା ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ ବୋଲି କହିଛନ୍ତି । ବାରମ୍ବାର ପ୍ରଶାସନକୁ ଜଣାଇଲେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେଉନଥିବା ଅଭଯୋଗ କରିଛନ୍ତି ହିତାଧିକାରୀ । ତେଣୁ ଆଜି ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ହିତାଧିକାରୀ । ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ଅଜିତ କୁମାର ଯୋଷୀଙ୍କ ନେତୃତ୍ୱରେ ଶହ ଶହ ବୃଦ୍ଧ ବୃଦ୍ଧା ଏକତ୍ରିତ ହୋଇ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ବଙ୍ଗୋମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ଏଠାରେ ଲୋକମାନେ ଚଳିବା ଅତି କଷ୍ଟ ଦାୟକ ତେଣୁ ସମସ୍ତ ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ ବିଜେଡି ନେତା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ମୁଖ୍ୟକିରାଣୀଙ୍କୁ ଦେଇଥିଲେ । ୫ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଥିଲେ ବିଜେଡି ନେତା ।

# ବିଶ୍ୱ ଋତୁଶ୍ରାବ ସ୍ୱଚ୍ଛତା ଦିବସ

**ଲୋଇସିଂହା,୨୯।୫ :** ଆଗଲପୁର ବ୍ଲକ ବଡ଼ଟିକା, ଝରଣିପାଲି ପଂଚାୟତର କନ୍‌ଫ୍ରେନସ୍ ହଲ ତଥା ନୁନିଆପାଲି ପଂଚାୟତର ପାଣ୍ଡେସରା ଗ୍ରାମ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲୀ ଆଲୋକ ପାଠାଗାର ନଅଗାଁ (ଖ) ତଥା ଅଜିମ ପ୍ରେମଜି ଫାଉଣ୍ଡେସନ ତରଫରୁ ବିଶ୍ୱ ଋତୁଶ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମ ପଂଚାୟତ ଗୁଡିକରେ ଥିବା ମହକ କିଶୋରୀ ସଂଗଠନ ସଭ୍ୟ ତଥା ନେତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଝରଣିପାଲି ପଂଚାୟତ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁନିତା ସାହୁ ଯୋଗଦେଇ ଋତୁଶ୍ରାବ ସମୟରେ ସ୍ୱଚ୍ଛତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିବା ସହିତ ଉପସ୍ଥିତ କିଶୋରୀ ମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ସାନିଟାରୀ ପେଡ ବ୍ୟବହାର, ଆଇରନ ବଟିକା ସେବନ ତଥା ପୃଷ୍ଟିକର ଖାଦ୍ୟ ଖାଇବା ସାଙ୍ଗକୁ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଏଥିସହିତ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଜନିତ ବିଭିନ୍ନ ସରକାରୀ ବ୍ୟବସ୍ଥାରେ ଉପଲବ୍ଧ ଏକ ଜଣା ଅଜଣା କାର୍ଯ୍ୟକ୍ରମ କରାଯାଇ ସଠିକ୍ ଉତ୍ତର ଦେଇଥିବା କିଶୋରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସେମାନେ ବିଭିନ୍ନ ଗୀତନାଚ ମାଧ୍ୟମରେ ଉତ୍ସାହର ସହିତ ଏହି ଦିବସକୁ ପାଳନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପଲ୍ଲୀ ଆଲୋକ ପାଠାଗାରର ଅଭିଜିତ ମିଶ୍ର, ପ୍ରହ୍ଲାଦ ପଧାନ, ନମିତା ପଧାନ, ସୁଶାନ୍ତ ସା, ବର୍ଷା ଜୁଏଡ଼ଙ୍କ ସମେତ ଗ୍ରାମର ଅଙ୍ଗନବାଡି ତଥା ଆଶାକର୍ମୀ ସହଯୋଗ କରିଥିଲେ ।

# ଡାକ୍ତରଖାନାରେ ନେଗେଟିଭ ଗ୍ରୁପ ରକ୍ତର ଅଭାବ

## ରକ୍ତ ଖୋଜିବାରେ ବ୍ୟସ୍ତ ରୋଗୀଙ୍କ ପରିବାର

**କଳାହାଣ୍ଡି,୨୯।୫ :** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ରକ୍ତଭଣ୍ଡାରରେ ଦିନକୁ ଦିନ ରକ୍ତର ଅଭାବ ଦେଖାଦେବାରୁ ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି । ବିଶେଷ କରି ଜରୁରୀ ଅସ୍ତ୍ରୋପଚାର, ପ୍ରସବ, ଦୁର୍ଘଟଣା ଓ ଗୁରୁତର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ମିଳିବା କଷ୍ଟକର ହୋଇପଡ଼ିଛି । ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ରକ୍ତ ପାଇଁ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବା ଦେଖାଯାଉଛି । ସୂଚନା ଅନୁସାରେ, ଜିଲ୍ଲାର ପ୍ରମୁଖ ସରକାରୀ ରକ୍ତଭଣ୍ଡାରଗୁଡ଼ିକରେ ବର୍ତ୍ତମାନ ବିଭିନ୍ନ ଗ୍ରୁପର ରକ୍ତର ଷ୍ଟକ୍ ଆବଶ୍ୟକତା ତୁଳନାରେ ବହୁତ କମ୍ ରହିଛି । ବିଶେଷ କରି ଓ-ନେଗେଟିଭ, ଇ-ନେଗେଟିଭ ଓ ଇ-ନେଗେଟିଭ ଭଳି ଦୁର୍ଲଭ ଗ୍ରୁପର ରକ୍ତ ପ୍ରାୟ ଅନୁପଲବ୍ଧ ହୋଇଯାଇଛି । ଅନେକ ସମୟରେ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ନିଜେ ଦାତା ଖୋଜିବାକୁ ପଡୁଛି । କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ରକ୍ତର ଚାହିଦା ମଧ୍ୟ ବଢ଼ିଛି । ଥାଲାସେମିଆ, ସିକେଲ ସେଲ, ରକ୍ତହୀନତା ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ରୋଗୀମାନେ ନିୟମିତ ଭାବେ ରକ୍ତ ଆବଶ୍ୟକ କରୁଥିବାରୁ ଉପଲବ୍ଧ ରକ୍ତ ଶୀଘ୍ର ଶେଷ ହୋଇଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଗ୍ରୀଷ୍ମ ଋତୁ ଓ ବର୍ଷା ଆରମ୍ଭ ସମୟରେ ସାଧାରଣତଃ ରକ୍ତଦାନ ଶିବିର କମ୍ ହେବା ସହ ରକ୍ତଦାତାଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ । ଏହା ରକ୍ତଭଣ୍ଡାରରେ ରକ୍ତ ସଂକଟର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ଅନ୍ୟପଟେ, ସଚେତନତାର ଅଭାବ ଯୋଗୁଁ ଅନେକ ଯୁବକ ରକ୍ତଦାନ ପ୍ରତି ଆଗ୍ରହ ଦେଖାଉନଥିବା ମଧ୍ୟ ଏହି ସମସ୍ୟାକୁ ବଢ଼ାଇଛି । ସାମାଜିକ କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ରକ୍ତ ସଂକଟ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ରକ୍ତଦାନ ଶିବିର ଆୟୋଜନ କରିବା ସହ ଲୋକଙ୍କୁ ସଚେତନ କରିବାକୁ ଦାବି କରିଛନ୍ତି । କଲେଜ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ସଂଗଠନ ସହଯୋଗରେ ବ୍ୟାପକ ରକ୍ତଦାନ ଅଭିଯାନ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ରୋଗୀଙ୍କ ପରିବାର ଲୋକେ କହିଛନ୍ତି ଯେ, ଜରୁରୀ ସମୟରେ




ରକ୍ତ ନ ମିଳିବା ଏକ ଗୁରୁତର ସମସ୍ୟା । ଅନେକ ଗରିବ ପରିବାର ରକ୍ତ ଯୋଗାଡ଼ କରିବା ପାଇଁ ଦିନ ଦିନ ଧରି ହସ୍ପିଟାଲ ଓ ରକ୍ତଭଣ୍ଡାର ଚକ୍କର କାଟୁଛନ୍ତି । ତେଣୁ ରକ୍ତ ସଂଗ୍ରହ ବୃଦ୍ଧି ପାଇଁ ସରକାର ଓ ସମାଜର ସମସ୍ତ ବର୍ଗ ଆଗେଇ ଆସିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି । କଳାହାଣ୍ଡିରେ ଦେଖାଦେଇଥିବା ଏହି ରକ୍ତ ସଂକଟ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚ୍ୟାଲେଞ୍ଜ ନୁହେଁ, ବରଂ ସମାଜର ସାମୂହିକ ଦାୟିତ୍ୱର ପ୍ରତିଫଳନ । ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ସ୍ୱାସ୍ଥ୍ୟ ମହଲରେ ଆଶଙ୍କା ପ୍ରକାଶ ପାଇଛି ।

# ଶୀତଳ ଷଷ୍ଠୀ ପୂର୍ବରୁ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର,୨୯।୫ :** ଆଗକୁ ଆସୁଛି ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା । ପ୍ରତ୍ୟେକ ବର୍ଷ ସମ୍ବଲପୁର ସହରରେ ଏହା ଧୁମଧାମରେ ପାଳିତ ହୁଏ । ଶିବ-ପାର୍ବତୀଙ୍କ ବିବାହ ପରମ୍ପରା ସଂମ୍ପୂର୍ଣ୍ଣ ଭାବେ ମାନବୀୟ ଉପଚାରରେ ହୋଇଥାଏ । ଏହି ପର୍ବରେ ଦେବ ଦେବ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ର ବାହାରିବା ସହିତ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବାର ପରମ୍ପରା ରହିଛି । ସମ୍ବଲପୁର ସହରରେ ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା, ବାଲିବନ୍ଧାର ସୋମନାଥ ବାବା, ବଡ଼ ବଜାର, ଠାକୁରପଡ଼ା ସହ ପାଖାପାଖି ୩୦ଟି କମିଟିର ଶୀତଳ ଷଷ୍ଠୀ ଯାତ୍ରା ହୋଇଥାଏ । ସହରର ବିଭିନ୍ନ ସାହି ଦେଇ ଶୋଭାଯାତ୍ରା ବାହାରୁଥିବାବେଳେ, ଛୋଟ ଗଳିକନ୍ଦି ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥାଏ । ଏଥିପାଇଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ଡେପୁଟି କମିଶନର ସୁଶାନ୍ତ କୁମାର ସାହୁ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସାହିରେ ଥିବା ପୁରୁଣା ଓ ଅସୁରକ୍ଷିତ କୋଠାଗୁଡିକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଛି ସମ୍ବଲପୁର ମହାନଗର ନିଗମ -SMC । ଠାକୁରପଡ଼ା, ଫାଟକ ଅଞ୍ଚଳରେ କିଛି ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଡ୍ରେନ ଉପରେ ଥିବା ବେଆଇନ ଦୋକାନଗୁଡିକୁ ଭଙ୍ଗା ଯାଇଛି । ସହରର ପୁରୁଣା ଅଞ୍ଚଳ କୁହାଯାଉଥିବା ବଡ଼ ସଡ଼କ ଅଞ୍ଚଳରେ ଏକ ପୁରୁଣା ଅସୁରକ୍ଷିତ କୋଠାକୁ ଭଙ୍ଗା ଯାଇଛି ବୋଲି କହିଛନ୍ତି ଡେପୁଟି କମିଶନର ସୁଶାନ୍ତ କୁମାର ସାହୁ । ସହରରେ ଆହୁରି ୬ଟି ପୁରୁଣା ଅସୁରକ୍ଷିତ କୋଠାକୁ ଭାଙ୍ଗିବାକୁ ମହାନଗର ନିଗମ ନିଷ୍ପତ୍ତି ନେଇଛି । ଶୀତଳ ଷଷ୍ଠୀ ଯାତ୍ରା ସମୟରେ ଶୋଭାଯାତ୍ରାରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଓ କୌଣସି ସମ୍ଭାବ୍ୟ ଅଘଟଣକୁ ଏଡେଇବା ପାଇଁ ଏହି ପଦକ୍ଷେପ ନେଇଛି ସମ୍ବଲପୁର ମହାନଗର ନିଗମ ।

# ପଞ୍ଚାୟତ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଇଘର,୨୯।୫ :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପଞ୍ଚାୟତ ସମିତିର ନୂତନ କାର୍ଯ୍ୟାଳୟ ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀଙ୍କ ସମେତ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ମନ୍ତ୍ରୀ ପ୍ରତିନିଧି ଶିବ ନାଥ ବାନାର୍ଜୀ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ଙ୍କ ସହ ବ୍ଲକ କର୍ମଚାରୀ ଓ ବିଜେପି ସମର୍ଥିତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ ଘାଟନ କରି ମନ୍ତ୍ରୀ କହିଛନ୍ତି ଯେ ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟ ପରିଚାଳିତ ହେବା ସହ ଜନସାଧାରଣ ନୂତନ କାର୍ଯ୍ୟାଳୟକୁ ଆସି ଅଧିକାରୀ ଙ୍କ ସହ ଆଲୋଚନା କରି ଅଂଚଳର ବିକାଶକୁ ଆଗକୁ ନେଇ ପାରିବେ ।

## ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି




**କଳାହାଣ୍ଡି,୨୯।୫ :** ଭବାନୀପାଟଣା ଟାଉନହଲ ଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ୍ ଆନୁକୁଲ୍ୟରେ ୨୦୨୬ ମସିହାର ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଭିନ୍ନ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍କଳ ଆଲୁମିନା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପ୍ରଗତି ଶିକ୍ଷାନୁଷ୍ଠାନ ସହଯୋଗ କରିଥିଲେ । ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ମୂଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଡ. ସନ୍ଦିପ କୁମାର ନାୟକ, ପ୍ରଫେସର ନିବେଦିତା ନାଥ, ଇଂ ପୁରୁଷୋତ୍ତମ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ରାଜ୍ୟସଭା ସାଂସଦ ସୁଜିତ କୁମାର ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଭା ଅନୁଷ୍ଠାନ ର କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହେଇଥିଲା । କାର୍ଯ୍ୟକ୍ରମକୁ ବିରଞ୍ଚିନାରାୟଣ ମୁଣ୍ଡ ପରିଚାଳନା କରିଥିବା ବେଳେ ଚିନ୍ମୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସଂଗଠନ ସଂପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ କୃତୀ ପ୍ରତିଭା ମାନଙ୍କୁ ସାର୍ଟିଫିକେଟ, ଟ୍ରଫି, ଗଣେଶ ମୂର୍ତ୍ତି ଓ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନୀତ କରାଯିବା ସହିତ ଚଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଚତୁର୍ଥ ସ୍ଥାନ ରଖିଥିବା କନକ ଜୈନ, ଷଷ୍ଠ ସ୍ଥାନ ରଖିଥିବା ଅମନ ଗୋୟଲ ଓ ୧୧୩ନଂ ସ୍ଥାନ ରଖିଥିବା ସଂଗୀତା ସେଠୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଦଶମ ଓ ଦ୍ୱାଦଶ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଗତି ଶିକ୍ଷାନୁଷ୍ଠାନ, ଲକ୍ଷ୍ମୀ ବିକାଶ ଗ୍ରୁପ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପାଟଣା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମୂଖିଗୁଡା, ବିମଳା କନଭେଣ୍ଟ ସ୍କୁଲ, ପି.ଏମ୍.ଶ୍ରୀ କକେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶ୍ୱରଞ୍ଜନ ରଥ ଓ ଅଧ୍ୟାପକ ମୋହନ ବିଶି ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲଳିତ ବିଶି, ଭୁଜବଳ ନାଏକ, ଶୁଶୀଲ ନାଗ, ଗଣେଶ ନାଏକ ପ୍ରମୂଖ ସହଯୋଗ କରିଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati